ବର୍ଷ-୨୫, ସଂଖ୍ୟା-୧୧୨
ଭୁବନେଶ୍ୱର
୨୪, ଏପ୍ରିଲ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା
Vol.-25, Issue No. 112
Bhubaneswar
24, April, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


ଅମେ ସୁରକ୍ଷିତ ଅଛୁ କହି ଟ୍ରୋଲ୍ ହେଲେ ଅଭିନେତା ଶୋଏବ

# ପାନେ ପାଇବ ପାକିସ୍ତାନ

## ବୈଦେଶିକ ମନ୍ତ୍ରଣାଳୟ ନେଲା ୫ ବଡ଼ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ପହଲଗାମ ଆକ୍ରମଣ ପରେ ସାରା ଭାରତରେ ଆକ୍ରୋଶ ମାହୋଲ ରହିଛି। ୨୮ ପର୍ଯ୍ୟଟକଙ୍କ ମୃତ୍ୟୁର ଜବାବ ଦେବାକୁ ଯାଇ ପାକିସ୍ତାନ ବିରୋଧରେ ଅତି କଠୋର ପଦକ୍ଷେପ ଗ୍ରହଣ କରିଛି ଭାରତ। ଭାରତରେ ପାକିସ୍ତାନୀ ଦୂତାବାସ ବନ୍ଦ, ସିନ୍ଧୁ ଜଳ ଚୁକ୍ତିନାମା ବାତିଲ, ପାକିସ୍ତାନୀ ଭିସା ବାତିଲ ଆଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଅଟାରୀ-ୱାଘା ବର୍ଡର ତତ୍କାଳ ପ୍ରଭାବରୁ ବନ୍ଦ ଘୋଷଣା କରିଛି ଭାରତ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି (ସିସିଏସ) ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ବୈଠକ ପରେ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିସ୍ରି ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସବୁ ପ୍ରକାରର ପାକିସ୍ତାନ ଭିସା ରଦ୍ଦ କରାଯିବ ସହ ପାକିସ୍ତାନୀ ନାଗରିକଙ୍କୁ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନ ଓ ଭାରତ ମଧ୍ୟରେ ଗମନାଗମନ ପାଇଁ ବ୍ୟବହାର ହେଉଥିବା ଅଟାରୀ ୱାଘା ବର୍ଡରକୁ ତତ୍କାଳ ପ୍ରଭାବରୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନ ନାଗରିକଙ୍କୁ ଭାରତ ଯାତ୍ରା କରିବାକୁ ଏବେ ଅନୁମତି ମିଳିବ ନାହିଁ ଏବଂ ସେମାନଙ୍କୁ ଭିସା ଦିଆଯିବ ନାହିଁ।

୧୯୬୦ ମସିହାର ସିନ୍ଧୁ ଜଳ ଚୁକ୍ତିନାମା ତତ୍କାଳ ପ୍ରଭାବରୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦ ବିରୋଧରେ ବିଶ୍ୱସନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ଏହି ରୋକ୍ ଜାରି ରହିବ।



ଭାରତ ଓ ପାକିସ୍ତାନ ମଧ୍ୟରେ ଯାତାୟତର ମୁଖ୍ୟ ଦ୍ୱାର ଅଟାରୀ-ୱାଘା ବର୍ଡରକୁ ତତ୍କାଳ ପ୍ରଭାବରୁ ବନ୍ଦ କରାଯାଇଛି। ଯେଉଁ ଲୋକେ ବୈଧ ଭିସା ଜରିଆରେ ପାକିସ୍ତାନ ଯାଇଛନ୍ତି, ସେମାନେ ୨୦୨୫ ମେ ୧ ତାରିଖ ପୂର୍ବରୁ ସେହି ମାର୍ଗ ଦେଇ ଭାରତ ଆସି ପାରିବେ।

ସାର୍କ ଭିସା ଯୋଜନା ଜରିଆରେ ଏବେ ଆଉ ପାକିସ୍ତାନୀ ନାଗରିକଙ୍କୁ ଭାରତ ଯାତ୍ରା ଅନୁମତି ମିଳିବ ନାହିଁ। ପୂର୍ବରୁ ପାକିସ୍ତାନୀ ନାଗରିକଙ୍କ ପାଇଁ ଜାରି ହୋଇଥିବା ସବୁ ପ୍ରକାରର ଭିସା ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।ବର୍ତ୍ତମାନ ଏସଭିଇଏସ ଭିସା ଆଧାରରେ ଭାରତରେ ଥିବା କୌଣସି ବି ପାକିସ୍ତାନୀ ନାଗରିକଙ୍କୁ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀରେ ପାକିସ୍ତାନୀ ଦୂତାବାସର ସାମରିକ ପରାମର୍ଶଦାତା ସପ୍ତାହେ ଭିତରେ ଭାରତ ଛାଡ଼ିବେ। ପାକିସ୍ତାନରେ ଥିବା ଭାରତୀୟ ଦୂତାବାସ ମଧ୍ୟ ତୁରନ୍ତ ପାକିସ୍ତାନ ଛାଡ଼ିବେ। ଏହା ସହିତ ପାକିସ୍ତାନୀ ଦୂତାବାସର କର୍ମଚାରୀ ସଂଖ୍ୟାକୁ ୫୫ରୁ ୩୦କୁ ହ୍ରାସ କରାଯାଇଛି। ସାମରିକ ପରାମର୍ଶଦାତାଙ୍କୁ ଭାରତ ଫେରି ଆସିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।ଏସବୁ ସହ ପାକିସ୍ତାନକୁ ଅତି କଠୋର ବାର୍ତ୍ତା ଦେଇଛି। ଭାରତ ହିଂସା, ଆତଙ୍କବାଦ ଥିବା ପର୍ଯ୍ୟନ୍ତ ଶାନ୍ତି ଅସମ୍ଭବ। ଭାରତ ଶାନ୍ତି ଓ ସୁସମ୍ପର୍କରେ ବିଶ୍ୱାସ କରେ ନରସଂହାର ଓ ରକ୍ତପାତରେ ନୁହେଁ। ଜମ୍ମୁ-କାଶ୍ମୀର ଆତଙ୍କବାଦୀଙ୍କ ଧର୍ମକୁ ନେଇ ହତ୍ୟା, ନୀରିହ ପର୍ଯ୍ୟଟକଙ୍କ ନରସଂହାର, କୌଣସି ବି ହାଲତରେ ବି କ୍ଷମଣୀୟ ନୁହେଁ। ମୋଟାମୋଟି ପାକିସ୍ତାନକୁ ଚେତାବନୀ ସୁଧରି ଯାଅ, ନଚେତ ଶେଷ ପରିଣତି ଭୋଗିବାକୁ ହେବ।

ପହଲଗାମ୍ ହମଲା, ଯାହାକୁ ଭାରତ ପାକିସ୍ତାନ ପ୍ରାୟୋଜିତ ବୋଲି ଅଭିଯୋଗ କରିଛି, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ହୋଇଥିବା ସବୁଠାରୁ ମହଙ୍ଗା ଆତଙ୍କବାଦୀ ହମଲା ମଧ୍ୟରୁ ଅନ୍ୟତମ।ଏହି ଘଟଣା ପରେ ଭାରତୀୟ ସୁରକ୍ଷା ବାହିନୀ ଆତଙ୍କବାଦୀମାନଙ୍କୁ ଖୋଜିବା ପାଇଁ ଏକ ବୃହତ ଅଭିଯାନ ଆରମ୍ଭ କରିଛି। ଏହି ନିଷ୍ପତ୍ତି ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ନିଆଯାଇଛି ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତିକୁ ଦୃଢ଼ କରୁଛି।ତେବେ, ଏହି ସୂଚନା ଏକ୍ସ ପୋଷ୍ଟ ଉପରେ ଆଧାରିତ ହୋଇଥିବାରୁ ଏହାର ଆନୁଷ୍ଠାନିକ ନିଶ୍ଚିତି ପାଇଁ ସରକାରୀ ସୂଚନାର ଆବଶ୍ୟକତା ରହିଛି।

ଏହି ନିଷ୍ପତ୍ତି ଭାରତ-ପାକିସ୍ତାନ ସମ୍ପର୍କକୁ ଆହୁରି ଜଟିଳ କରିପାରେ ବିଶେଷଜ୍ଞମାନେ ମତ ଦେଉଛନ୍ତି ଯେ, ଏହା ଦୁଇ ଦେଶ ମଧ୍ୟରେ କୂଟନୈତିକ ତନାବକୁ ବୃଦ୍ଧି କରିବ ଏବଂ ଆଞ୍ଚଳିକ ସ୍ଥିରତା ଉପରେ ପ୍ରଭାବ ପକାଇପାରେ ଆଗାମୀ ଦିନରେ ଏହି ଘଟଣାର ପରିଣାମ କଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଖୋଲିବ ୫ ଫାଷ୍ଟଟ୍ରାକ ମହିଳା କୋର୍ଟ

**ଭୁବନେଶ୍ୱର,୨୩।୪(ମହାଭାରତ) :** ରାଜ୍ୟରେ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ ପ୍ରତିଷ୍ଠା ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ସହ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ଦିଗରେ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହିଳା କୋର୍ଟ ପ୍ରତିଷ୍ଠା ହେଲେ ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବା ସହ ଦଣ୍ଡ ବିଧାନ ହାର ବଢିବ।ପ୍ରାରମ୍ଭିକ ଭାବେ ୫ ଟି ଏବଂ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ। ଏହା ବାଦ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି। ଗ୍ରାମ୍ୟ କୋର୍ଟ ମଧ୍ୟ ସରକାର ପ୍ରତିଷ୍ଠା କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି।

### ଗ୍ରାମୀଣ ଡାକ ସେବକ ନିଯୁକ୍ତି ଠକେଇ ମାମଲା

## ୫ ଜିଲ୍ଲାରେ ସିବିଆଇ ଚଢ଼ାଉ

**ଭୁବନେଶ୍ୱର,୨୩।୪(ମହାଭାରତ) :** ଗ୍ରାମୀଣ ଡାକ ସେବକ (ଜିଡିଏସ) ନିଯୁକ୍ତି ଠକେଇ-୨୦୨୩ ଘଟଣାର ତଦନ୍ତର ଅଂଶ ସ୍ୱରୂପ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଜି ଓଡ଼ିଶାର ପାଞ୍ଚଟି ଜିଲ୍ଲାର ୧୨ଟି ସ୍ଥାନରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଛି। ୯ ମେ' ୨୦୨୩ରେ ସିବିଆଇ ଦ୍ୱାରା ଏହି ମାମଲା ପଞ୍ଜିକୃତ କରାଯାଇଥିଲା। ଅଭିଯୋଗ ହୋଇଥିଲା ଯେ, ୨୦୨୩ ଜିଡିଏସ ନିଯୁକ୍ତି ପ୍ରକ୍ରିୟା ସମୟରେ କିଛି ପ୍ରାର୍ଥୀ ଚାକିରି ପାଇବା ପାଇଁ ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ଦାଖଲ କରିଥିଲେ।

ଓଡ଼ିଶାର ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଏବଂ କେନ୍ଦୁଝର ଜିଲ୍ଲାରେ କରାଯାଇଥିବା ସିବିଆଇ ତଲାସୀ ଅଭିଯାନରେ ମାମଲାରେ ଜଡିତ ବ୍ୟକ୍ତିବିଶେଷଙ୍କ ଘର, ମଧ୍ୟସ୍ଥି ଏବଂ ଉତ୍ତର ପ୍ରଦେଶ ବୋର୍ଡ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓପନ୍ ସ୍କୁଲିଂ (ଏନଆଇଓଏସ)ର ଜାଲ୍ ମାଟ୍ରିକ୍ ସାର୍ଟିଫିକେଟ୍ ତିଆରି କରିବାରେ ନିୟୋଜିତ ଥିବା ଅଭିଯୁକ୍ତଙ୍କ ଘରକୁ ଟାର୍ଗେଟ କରାଯାଇଛି। ଏହି ତଲାସୀ ସମୟରେ ଠକେଇ କାର୍ଯ୍ୟକଳାପ ସମ୍ପର୍କିତ ଅନେକ ଅପରାଧିକ କାଗଜପତ୍ର ଏବଂ ଲେଖା ଉଦ୍ଧାର କରାଯାଇଛି। ଏହି ମାମଲାରେ, ସିବିଆଇ ୩୦ ଡିସେମ୍ବର ୨୦୨୪ରେ ୫୫ ଜଣ ପ୍ରାର୍ଥୀ ଏବଂ ତିନି ଜଣ ମଧ୍ୟସ୍ଥି ସମେତ ୫୮ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭୁବନେଶ୍ୱର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିସାରିଛି। ଠକେଇର ସମ୍ପୂର୍ଣ୍ଣ ପରିମାଣ ସମ୍ପର୍କରେ ଜାଣିବା ପାଇଁ ଠକେଇରେ ଜଡିତ ବାକି ପ୍ରାର୍ଥୀ ଏବଂ ମାର୍କ ସିଟ୍ ଏବଂ ସାର୍ଟିଫିକେଟ୍ ଜାଲିଆତି ପଛରେ ଥିବା ମାଷ୍ଟରମାଇଣ୍ଡମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

# ୬ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

**ଭୁବନେଶ୍ୱର,୨୩।୪(ମହାଭାରତ):** ରାଜ୍ୟ କ୍ୟାବିନେଟର ଏକ ବୈଠକ ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୫ ଟି ବିଭାଗର ୬ ଟି ପ୍ରସ୍ତାବ ଆଗତ କରାଯାଇଥିଲା ଓ ସମସ୍ତ ପ୍ରସ୍ତାବ ଗୁଡ଼ିକ ଆଲୋଚନା ପରେ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

କ୍ୟାବିନେଟ ନିଷ୍ପତି ଅନୁଯାୟୀ ବିଭିନ୍ନ ସରକାରୀ ଯୋଜନାମାନଙ୍କର ନିରୀକ୍ଷଣ ଏବଂ ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା, ଉଭୟ 'ଓଡିଶା ମଙ୍ଗଳ ସେବା' ଏବଂ 'ଓଡିଶା ଅଧସ୍ତନ ମଙ୍ଗଳ ସେବା'ର ପୁନର୍ଗଠନ କରାଯାଇ ବିଭିନ୍ନ ପାହ୍ୟାରେ ୨୪ ଟି ନୂତନ ପଦବୀ ସୃଷ୍ଟି କରାଯିବାପାଇଁ ନିଷ୍ପତି ନିଆଯାଇଛି। ଏହି ପୁନର୍ଗଠନରେ, 'ଅତିରିକ୍ତ ଜିଲ୍ଲା'ଯୁଗ୍ମ ନିର୍ଦ୍ଦେଶକ' ପାହ୍ୟାରେ ୮ଟି ଏବଂ ମଙ୍ଗଳ ଅଧିକାରୀ' ପାହ୍ୟାରେ ୨ଟି, 'ଉପ ନିର୍ଦ୍ଦେଶକ' ପାହ୍ୟାରେ ୧୧ଟି,'ଅତିରିକ୍ତ ନିର୍ଦ୍ଦେଶକ' ପାହ୍ୟାରେ ୩ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯାଉଛି।

ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ ୭୯ରେ ସଂଶୋଧନ ସମ୍ବନ୍ଧୀୟ ଯେଉଁଥିରେ 'ଡିଷ୍ଟିଲାରୀ ଏବଂ ଅନ୍ୟାନ୍ୟ ଉତ୍ପାଦନ ୟୁନିଟ୍ (ବଟଲିଂ/ବ୍ରିବେରୀ ୟୁନିଟ୍)ରେ କାର୍ଯ୍ୟ କରିବାର ନିୟନ୍ତ୍ରଣ' ବିଷୟରେ ଉଲ୍ଲେଖ ରହିଛି। ଓଡ଼ିଶା ଅବକାରୀ ଅଧିନିୟମ, ୨୦୦୮ର ଧାରା ୯୦(ଓଡ଼ିଶା ଅବକାରୀ ଆଇନ ୨୦୧୩) ଅଧୀନରେ ପ୍ରଦତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ ୭୯ରେ ଥିବା ଏକ୍ସଟ୍ରା ଆୱାର ଅପରେସନ ଫିକୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୱରୀ ୟୁନିଟ୍ ଗୁଡିକ ନିମନ୍ତେ ଛାଡ କରିବାର ନିଷ୍ପତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତି ବ୍ୟବସାୟକୁ ସୁଗମ କରିବାରେ ସହାୟକ ହେବ ଯାହା ଦ୍ୱାରା ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।



ସମନ୍ୱିତ ରୋଗୀ ପରିବହନ ଏବଂ ସ୍ୱାସ୍ଥ୍ୟ ସହାୟତା ସେବା ଅନ୍ତର୍ଗତ ଜରୁରୀକାଳିନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଜନା (୨୦୨୩-୨୪ ରୁ ୨୦୨୦୭-୨୮) ଓଡିଶାରେ ଜରୁରୀକାଳିନ ମେଡିକାଲ ଆମ୍ବୁଲାନ୍ସ ସେବା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର ଏବଂ ଓଡିଶା ସରକାରଙ୍କ ମିଳିତ ପଦକ୍ଷେପ ("ଜାତୀୟ ଆମ୍ବୁଲାନ୍ସ ସେବା" ଅଧୀନରେ) ୦୫,୦୩.୨୦୧୩ ଠାରୁ ଆରମ୍ଭ ହୋଇଛି। ୧୦୮ ଜରୁରୀକାଳିନ ମେଡିକାଲ ଆମ୍ବୁଲାନ୍ସ ସେବା ଓଡିଶାବାସୀଙ୍କ ପାଇଁ ଏକ ଲାଇଫ୍ ଲାଇନ୍ ହୋଇଛି। ଏହି ଯୋଜନା ରାଜ୍ୟର ୪.୫ କୋଟି ନାଗରିକଙ୍କ ଜରୁରୀକାଳିନ ସ୍ୱାସ୍ଥ୍ୟସେବା ସେବାରେ ଉନ୍ନତି ଆଣିବା ନିମନ୍ତେ ଉଦ୍ଦିଷ୍ଟ। ରାଜ୍ୟର ସମସ୍ତ ବର୍ଗର ଲୋକଙ୍କର ଜରୁରୀକାଳିନ ସ୍ୱାସ୍ଥ୍ୟ ସେବାଜନିତ ଆମ୍ବୁଲାନ୍ସର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନ ରାଜ୍ୟରେ ମୋଟ ୮୬୬ ଗୋଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି ଏବଂ ସେଥି ମଧ୍ୟରୁ ୪୧୧ ଗୋଟି ଏ.ଏଲ.ଏସ, ୪୪୯ ଗୋଟି ବି.ଏଲ.ଏସ ଓ ୬ ଗୋଟି ବୋଟ ଆମ୍ବୁଲାନ୍ସ ଅଟେ।

ଏହି ଯୋଜନା (ଦ୍ୱିତୀୟ ପର୍ଯ୍ୟାୟ) ୨୦୨୩-୨୪ ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଛି। ଆନୁମାନିକ ବାର୍ଷିକ ୧୧-୧୨ ଲକ୍ଷ ଜରୁରୀକାଳିନ ରୋଗୀ / ମାମଲା (ଗର୍ଭବତୀ ମହିଳା ଏବଂ ଶିଶୁ ସମେତ) ୨୦ ମିନିଟର ନିର୍ଦ୍ଧାରିତ ସମୟ ମଧ୍ୟରେ ଆମ୍ବୁଲାନ୍ସ ଦ୍ୱାରା ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ହେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆମ୍ବୁଲାନ୍ସ ସେବା ଏକ ସଂସ୍ଥା (ଘରୋଇ ସଂସ୍ଥା) ଦ୍ୱାରା ପରିଚାଳିତ ହୋଇଥାଏ, ଯାହା ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଖୋଲା ପ୍ରତିଯୋଗିତାମୂଳକ ପ୍ରକ୍ରିୟା ମାଧ୍ୟମରେ ୫ ବର୍ଷ ପାଇଁ ଚୟନ କରାଯାଇଥାଏ। ଏହି ଯୋଜନାର କାର୍ଯ୍ୟକାରିତା ଦିଗରେ ୫ ବର୍ଷ(୨୦୨୩-୨୪ରୁ୨୦୨୭-୨୮) ସମୟ ପାଇଁ ଟ. ୨୩୯୮୪୫.୨୬ ଲକ୍ଷ ବ୍ୟୟ ବରାଦ କରାଯାଇଛି ଏବଂ ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟ ଆଜିର ବୈଠକରେ ଅନୁମୋଦନ କରିଛନ୍ତି।

ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଆଜି ଏହାର ବୈଠକରେ ଅନୁମୋଦନ କରିଛନ୍ତି। ଓଡିଶା ଶିଶୁ ଓ ମହିଳା କଲ୍ୟାଣ ସେବା ନିୟମ, ୧୯୮୯ ଅନୁସାରେ କନିଷ୍ଠ ବର୍ଗସେବା (ପରିଦର୍ଶିକା) ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ରୂପେ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ପରିଚାଳିତ ମାଧ୍ୟମିକ ଶିକ୍ଷା ପରୀକ୍ଷା (ଏଚ୍ଏସ୍‌ସି) ଅଥବା ଆବଶ୍ୟକ ବୋର୍ଡ, ଓଡିଶା ଅଥବା ତତ୍ତୁଲ୍ୟ ବୋର୍ଡ/ ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ବର୍ତ୍ତମାନ ପ୍ରଚଳିତ ନିୟମର ସଂଶୋଧନ ଦ୍ୱାରା କନିଷ୍ଠ ବର୍ଗସେବା (ପରିଦର୍ଶିକା) ପଦବୀରେ ଚୟନଭିତ୍ତିକ ନିଯୁକ୍ତିପ୍ରଦାନ ନିମନ୍ତେ ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ରୂପେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।

'ଭୂତଳ ପାଇପ୍ ଲାଇନ ଜଳବଂଟନ ବ୍ୟବସ୍ଥା (ମାଧ୍ୟାକର୍ଷଣ ପ୍ରବାହ) ଦ୍ୱାରା (କ) ବୈତରଣୀ ବାମ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୨୮.୫୦ କି.ମି. ମଧ୍ୟରେ ୨୨୨୧ ହେକ୍ଟର ଏବଂ (ଖ) ବୈତରଣୀ ଦକ୍ଷିଣ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୯.୦୦ କି.ମି. ମଧ୍ୟରେ ୧୨୨୯ ହେକ୍ଟର ଚାଷଜମିରେ ଜଳ ଆବଣ୍ଟନ ଓ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଇପିସି ଏବଂ ଟର୍ନକି ବ୍ୟବସ୍ଥା ମାଧ୍ୟମରେ ସମ୍ପାଦନ ପୂର୍ବକ ପ୍ରବର୍ତ୍ତିତ ପ୍ରଣାଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ' ସମ୍ବନ୍ଧିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ମାଧ୍ୟମରେ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନିମନ୍ତେ ଯୋଜନା କରାଯାଇଥିଲା। ଉପରୋକ୍ତ କାର୍ଯ୍ୟଟି ଏହି ପ୍ରକଳ୍ପର ଏକ ଅଂଶ ଯାହା କେନ୍ଦୁଝର ଜିଲ୍ଲାରେ ବୈତରଣୀ ବାମ ପାର୍ଶ୍ୱ କେନାଲର ୦,୦୦ କି.ମି. ଠାରୁ ୨୮.୫୦ କି.ମି. ମଧ୍ୟରେ ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣ ପାର୍ଶ୍ୱ କେନାଲର ୦.୦୦ କି.ମି. ଠାରୁ ୯.୦୦ କି.ମି. ମଧ୍ୟରେ ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ ଲାଇନ ଜଳବଂଟନ ବ୍ୟବସ୍ଥା ଓ ସେଚାଂଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟର ଜଳସେଚନ ସୁବିଧା ଯୋଗାଇ ଦେବ।

## ଗଠନ ହେବ ଆଉ ୨୦ ନୂଆ ଏନଏସି

**ଭୁବନେଶ୍ୱର,୨୩।୪(ମହାଭାରତ):** ରାଜ୍ୟରେ ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନଏସି ପାଇଁ ଜିଲ୍ଲାରୁ ରିପୋର୍ଟ ଆସିଛି। ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ପଠାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ପଞ୍ଚାୟତିରାଜ ବିଭାଗ ତର୍ଜମା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂଆଏନଏସି ଗଠନ ହେବ। ପୂର୍ବରୁ ନୂଆ ଏନଏସି ପାଇଁ ନିର୍ଦ୍ଧାରିତ ଫର୍ମ ପୂରଣ କରି ପଠାଇବାକୁ ଜିଲ୍ଲାପାଳଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରିପୋର୍ଟ ମଗାଯାଇଥିଲା। ୨୦ ଏନଏସି ପାଇଁ ରିପୋର୍ଟ ପହଞ୍ଚିଥିବା ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୭ ପ୍ରତିଶତ ସହରାଞ୍ଚଳ ରହିଛି। ଏହାକୁ ୩୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସରକାର ଯୋଜନା ରଖିଛନ୍ତି। ସେହି ଅନୁସାରେ ନୂଆ ଏନଏସି, ମ୍ୟୁନିସପାଲିଟି ଗଠନ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ଆରଆଇ, ଅମିନ ପରୀକ୍ଷାରେ ସମସ୍ତ ପରୀକ୍ଷାର୍ଥୀ ପ୍ରିଲିମ୍ ପାସ୍

**ଭୁବନେଶ୍ୱର,୨୩।୪(ମହାଭାରତ :** ଆରଆଇ, ଅମିନ ପରୀକ୍ଷା ଫଳ ପ୍ରକାଶ ପାଇଛି। ସବୁ ପରୀକ୍ଷାର୍ଥୀ ପ୍ରିଲିମ୍ ପାସ୍ କରିଛନ୍ତି। ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଥିବା ଓଏସଏସଏସସି ସୂଚନା ଦେଇଛି। ଆରଆଇ, ଆଇସିଡିଏସ ସୁପରଭାଇଜର, ଏଆରଆଇ , ଅମିନ ପରୀକ୍ଷାରେ ସମସ୍ତେ ପ୍ରିଲିମ୍ ପାସ୍ କରିଥିବା ଜଣାପଡ଼ିଛି। ଏନେଇ ଓଏସଏସଏସସି ପକ୍ଷରୁ ସୂଚନା ଜାରି ହୋଇଛି। ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ପ୍ରିଲିମ୍ ପରୀକ୍ଷା ହୋଇଥିଲା। ପ୍ରିଲିମନାରୀ ପରୀକ୍ଷା ଦେଇଥିବା ସମସ୍ତ ଆଶାୟୀ ମେନ୍ ପରୀକ୍ଷା ଦେଇପାରିବେ। କେବଳ ପ୍ରିଲିମରେ କପି କରି ଧରା ପଡିଥିବା ୯ ଜଣ ମେନ୍ ଦେଇପାରିବେନି ବୋଲି ଓଏସଏସଏସସି ପକ୍ଷରୁ କୁହାଯାଇଛି। ହେଲେ କେବେ ମେନ୍ ପରୀକ୍ଷା କରାଯିବ ସେନେଇ ଓଏସଏସଏସସି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ମୁଖ୍ୟ ପରୀକ୍ଷା କେବେ ହେବ ସେ ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ଓଏସଏସଏସସି ପକ୍ଷରୁ କୁହାଯାଇଛି।

## ସ୍ୱତନ୍ତ୍ର ବର୍ଗରେ ଓଡ଼ିଶାକୁ ଦୁଇଟି ଜାତୀୟ ପଞ୍ଚାୟତ ପୁରସ୍କାର

**ଭୁବନେଶ୍ୱର, ୨୩।୪(ପିଆଇବି):** ଆସନ୍ତାକାଲି ଅର୍ଥାତ୍ ୨୪ ଏପ୍ରିଲରେ ବିହାର ମଧୁବନି ଜିଲ୍ଲାର ଲୋହନା ଉତ୍ତର ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର ବର୍ଗରେ ଜାତୀୟ ପଞ୍ଚାୟତିରାଜ ପୁରସ୍କାର ୨୦୨୫ ପ୍ରଦାନ କରାଯିବ। ପ୍ରଥମ ଥର ପଞ୍ଚାୟତଗୁଡ଼ିକୁ ଜଳବାୟୁ ପ୍ରଶମନ ପଦକ୍ଷେପ ଏବଂ ନିଜସ୍ୱ ରାଜସ୍ୱ ଉତ୍ସ ଜରିଆରେ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ପ୍ରୟାସ ନିମନ୍ତେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପୁରସ୍କୃତ କରିବ। ଏହାବ୍ୟତୀତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ (ଏଲଏସଡିଜି) ସହିତ ଯୋଡ଼ି ହୋଇ ରହିଥିବା ପଞ୍ଚାୟତଗୁଡ଼ିକର କ୍ଷମତା ନିର୍ମାଣ ପାଇଁ ଶ୍ରେଷ୍ଠ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶା ଏଥର ଦୁଇଟି ବର୍ଗରେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ହାଟବଦ୍ରା ଗ୍ରାମପଞ୍ଚାୟତ ଆତ୍ମନିର୍ଭର ପଞ୍ଚାୟତ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରି ପୁରସ୍କୃତ ହେବାକୁ ଯାଉଛି। ସେହିପରି ଓଡ଼ିଶା ରାଜ୍ୟ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହି ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପାଇବାକୁ ମନୋନିତ ହୋଇଛି।

ଜଳବାୟୁ ଉତ୍ତରଦାୟୀ ସ୍ଥାନୀୟ ପ୍ରଶାସନ ଭାବେ କାର୍ଯ୍ୟ କରୁଥିବା ପଞ୍ଚାୟତଗୁଡ଼ିକୁ ଉତ୍ସାହିତ କରିବା ଲାଗି ଏଥର 'ଜଳବାୟୁ କାର୍ଯ୍ୟାନୁଷ୍ଠାନ ସ୍ୱତନ୍ତ୍ର ପଞ୍ଚାୟତ ପୁରସ୍କାର' (କାସପା) ପ୍ରଦାନ କରାଯିବ। ସେହିପରି ପଞ୍ଚାୟତଗୁଡ଼ିକ ଦ୍ୱାରା ନିଜସ୍ୱ ଉତ୍ସ ରାଜସ୍ୱ ବୃଦ୍ଧି ମାଧ୍ୟମରେ ଆତ୍ମନିର୍ଭରଶୀଳତାର ପ୍ରୋତ୍ସାହନ ଲାଗି ଆତ୍ମନିର୍ଭର ପଞ୍ଚାୟତ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ। ଏହି ଦୁଇଟି ବର୍ଗ ବ୍ୟତୀତ କ୍ଷମତା ନିର୍ମାଣ ଏବଂ ପଞ୍ଚାୟତିରାଜ ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣରେ ଉତ୍କର୍ଷତାକୁ ସ୍ୱୀକୃତି ଦେବା ନିମନ୍ତେ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ଦିଆଯିବ। ୨୦୨୩ରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏହି ପୁରସ୍କାରକୁ ସଂସ୍ଥାଗତ ରୂପ ଦେଇଥିଲା ବେଳେ ୨୦୨୪ ପ୍ରଥମ ଥର ପୁରସ୍କାର ଦିଆଯାଇଥିଲା।

## ଖୁବଶୀଘ୍ର ଭିଜନ ୨୦୩୬ ଓ ୨୦୪୭ର ରୂପରେଖ

**ଭୁବନେଶ୍ୱର,୨୩।୪(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦଙ୍କ ସପ୍ତମ ବୈଠକ ଆଜି ଲୋକ ସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥିର ହୋଇଥିଲା ଯେ, ଆଗାମୀ ୧୫ ଦିନ ମଧ୍ୟରେ 'ଓଡ଼ିଶା ଭିଜନ୨୦୩୬ ଓ୨୦୪୭' ଉପରେ ରାଜ୍ୟର ୪ ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରାଯିବା ସହ ବିଭିନ୍ନ ସ୍ତରରେ ଜନ ପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହିତ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ।

ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ,ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନଏବଂ ନୀତି ଆୟୋଗଙ୍କ ସହଯୋଗରେ ସରକାର ଅଗଷ୍ଟ ୨୦୨୪ ଠାରୁ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି,ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବାଏବଂ ଭାରତର ଜିଡିପିର୫% ଅଂଶଦାର ହେବା ପାଇଁ ଓଡ଼ିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାର କୁ ଅତିକ୍ରମ କରିବା ସହ ଏହାକୁ ଦ୍ରୁତତର କରିବା ଆବଶ୍ୟକ। ସେ କହିଥିଲେ ଯେ ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ-ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନ ଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରି ଏକ ରଣନୈତିକ ପଦକ୍ଷେପ '୩୬ ପାଇଁ ୩୬' ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧିର ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ। ମନ୍ତ୍ରୀ ପରିଷଦଙ୍କ ସୁଚିନ୍ତିତ ପରାମର୍ଶ ଓ ମାର୍ଗଦର୍ଶନ ଦ୍ୱାରା ଏହାକୁ ଚୂଡ଼ାନ୍ତ ରୂପ ଦେବା ସମ୍ଭବ ହେବ, ଏବଂ ତଦନୁଯାୟୀ ସେଥିରେ ସ୍ଥାପିତ ଲକ୍ଷ୍ୟ ଗୁଡ଼ିକର ସଫଳ ରୂପାୟନ ପାଇଁ ଏକ କାର୍ଯ୍ୟାନ୍ୱୟନ ଖସଡ଼ା ପ୍ରସ୍ତୁତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଏହି ବୈଠକ ରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓବିଭିନ୍ନନିୟମାବଳୀର ଅନୁପାଳନ ଓ ସରକାରୀ ନିୟନ୍ତ୍ରଣ ର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ୬ ଟି ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟ ମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ '୩୬ ପାଇଁ ୩୬'ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ଗୁଡିକୁ ମିଳିତ ଭାବେ ଉପସ୍ଥାପନା କରିଥିଲେ।

ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥା ର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଆଲୋଚନାରେଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ,ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯୋଗାଣ ଓ ଖାଦ୍ୟ ସୁରକ୍ଷା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ଯୋଗ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ଶ୍ୱାସରୁଦ୍ଧ ହୋଇ ଦୁଇ ଶ୍ରମିକ ମୃତ

**ରାୟଗଡ଼ା, ୨୩।୪ (ମହାଭାରତ) :** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ବନ୍ଦିରୀ ଗ୍ରାମରେ ଅଘଟଣ। କୂଅ ସଫା କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଚନ୍ଦ୍ରପୁର ବନ୍ଦିରୀ ଗ୍ରାମର କାଳିମା ସାହିରେ ଥିବା ଏକ କୂଅ ସଫା କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ କୂଅରୁ ାହାରି ପାରିନଥିଲେ ଓ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଚନ୍ଦ୍ରପୁର ବ୍ଲକ୍ ବନ୍ଦିରୀ ଗ୍ରାମରେ ଅଘଟଣ। କୂଅ ସଫା କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଚନ୍ଦ୍ରପୁର ବନ୍ଦିରୀ ଗ୍ରାମର କାଳିମା ସାହିରେ ଥିବା ଏକ କୂଅ ସଫା କରିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ କୂଅରୁ ବାହାରି ପାରିନଥିଲେ ଓ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ବନ୍ଦିରୀ ଗ୍ରାମର ଚିତ୍ତରଞ୍ଜନ ଟାଙ୍ଗରଙ୍ଗା ଓ ଟେଟେ ଟାଙ୍ଗରଙ୍ଗା। ଦୁଇ ଜଣଙ୍କ ମୃତ୍ୟୁ ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ମୃତକମାନେ ହେଲେ ବନ୍ଦିରୀ ଗ୍ରାମର ଚିତ୍ତରଞ୍ଜନ ଟାଙ୍ଗରଙ୍ଗା ଓ ଟେଟେ ଟାଙ୍ଗରଙ୍ଗା। ଦୁଇ ଜଣଙ୍କ ମୃତ୍ୟୁ ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

ଖବର

## ଏପ୍ରିଲ ୨୭ରେ ପ୍ରସାରଣ ହେବ 'ସୁନାନାକୀ ବୋହୂ'




ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଚ୍ଛକ ଓ ବାସ୍ତବବାଦୀ ଚଳଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ଆଗକୁ ଏମିତି ଏକ ମୌଳିକ ବିଷୟବସ୍ତୁ ସହ ରିଲିଜ ହେବାକୁ ଯାଉଛି ଓଡିଆ ଚଳଚିତ୍ର 'ସୁନାନାକୀ ବୋହୂ' । ଯାହାର ପ୍ରଯୋଜକ ଉମେଶ ପଟ୍ଟନାୟକ ଓ ନିର୍ଦ୍ଦେଶକ ରହିଛନ୍ତି ମୃତ୍ୟୁଞ୍ଜୟ ସାହୁ । ସଂଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ, କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୀତ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷ୍ ଓ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ,ଚିରାଗଦିପ୍ ପଣ୍ଡା। ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଚଳଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତିକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି , କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହାସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ ।ପ୍ରତିଯୋଗିତା ପାଇଁ ଉ□ଜନା ଖୁବ ବୃଦ୍ଧି ପାଇବା ସମୟରେ ପୁରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତ୍ତନ ।ତେବେ କ'ଣ ଏହି ପରିବର୍ତ୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ଯାହା ସିନେମା ଦେଖିଲେ ହିଁ ଜଣାପଡିବ । ଏମିତି ଏକ ପ୍ରେମ , ତ୍ୟାଗ , ପରମ୍ପରା ଓ ସାହସିକାତାର କାହାଣୀ 'ସୁନାନାକୀ ବୋହୂ' ଯାହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଯେଉଁଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ସାପଲିନ୍, ନିକିତା ମିଶ୍ର,ପୃଥ୍ୱୀରାଜ ନାୟକ ଓ ପୁଷ୍ପା ପଣ୍ଡା । ତେବେ ଏହି ଚଳଚିତ୍ରର ଯାତ୍ରା ସହିତ ନିଜକୁ ସାମିଲ କରିବାକୁୟ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।

## ଉପକାରୀ ବରକୋଳି



ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

ବରକୋଳିର ଆଚାର ମଧ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

## ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା



ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।
ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ତ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

## ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।
ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

## ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ



ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ୍ୟ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର।
ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ୍ୟ ମହତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ୍ୟ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ଆପଣେଇଲେ ଆର୍ଥିକ ସମସ୍ୟା ଦୂର ହେବାସହ ବାସ୍ତୁଦୋଷ ମଧ୍ୟ ଦୂର ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ୍ୟ ମାଠିଆର ଅନେକ ଗୁରୁ□ ରହିଛି। ମାଠିଆ ସମ୍ବନ୍ଧୀୟ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।
୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।
୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ୱ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମାଠିଆ କିମ୍ବା ସୁରେଇ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ। ଏହା ଉତ୍ତମ ଫଳ ପ୍ରଦାନ କରିଥାଏ। ଉତ୍ତର ଦିଗରେ ଜଳ ଦେବତା ବରୁଣ ବାସ କରନ୍ତି।

# ଦାଦନ ଶ୍ରମିକ ସମସ୍ୟା ଦୂର ପାଇଁ ସରକାର ସଙ୍କଳ୍ପବଦ୍ଧ



**ଭୁବନେଶ୍ୱର,୨୩।୪ (ମହାଭାରତ):** ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ କରିବା ପାଇଁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଏସବିଏମ୍ ଆଡ଼ଭାଇଜର ନାମକ ସଂସ୍ଥା ଓଡ଼ିଶାରେ ଦୁଗ୍ଧ ବିକାଶ ମାଧ୍ୟମରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ହ୍ରାସ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ। ଏହି ବୈଠକରେ ଶ୍ରମ, କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ମଧ୍ୟ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଡ଼ା ଯାଇଥିବା ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ବର୍ତ୍ତମାନ ସରକାର ଦାଦନ ଶ୍ରମିକ ଜନିତ ସମସ୍ୟାକୁ ଗୁରୁତ୍ୱର ସହ ନେଉଛନ୍ତି। ଦାଦନ ପ୍ରବଣ ପ୍ରତ୍ୟେକଟି ଜିଲ୍ଲାର କାରଣ ଭିନ୍ନ ଭିନ୍ନ ଅଟେ। ଏହାକୁ ବିଶ୍ଳେଷଣ କରି ତଦନୁଯାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଗୋପାଳନ କରି ସେଥିରୁ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତୀୟ ଉତ୍ପାଦ ଉତ୍ପାଦନ କରି ଗ୍ରାମୀଣ ଲୋକଙ୍କ ଜୀବିକାକୁ ସୁଦୃଢ଼ କରିହେବ। ବିଶେଷକରି ମହିଳାଙ୍କୁ ସ୍ୱାବଲମ୍ବୀ କଲେ ଓ ସେମାନଙ୍କୁ ବର୍ଷ ତମାମ ରୋଜଗାରର ଉତ୍ସ ଯୋଗାଇ ପାରିଲେ ଦାଦନ ଶ୍ରମିକ ସମସ୍ୟା ଅନେକାଂଶରେ ହ୍ରାସ ପାଇବ ବୋଲି ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା। ସରକାରୀ ଯୋଜନାର ପ୍ରଣୟନ ସହିତ ବେସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇ ଦେବା ନିମନ୍ତେ ଏସବିଏମ୍ ଆଡ଼ଭାଇଜର କମ୍ପାନୀର ପ୍ରତିନିଧି ଅନୁରୋଧ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ଶ୍ରୀମତୀ ଚିତ୍ରା ଅରୁମୁଗମ, ସୁରେଶ କୁମାର ବଶିଷ୍ଠ, ଏସ ଏନ ଗିରୀଶ, କୃଷି ବିଭାଗ, ଶ୍ରମ ବିଭାଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ରେଳବାଇର ଏକ ଆଧୁନିକ ପଦକ୍ଷେପ

**ଭୁବନେଶ୍ୱର,୨୩।୪ (ମହାଭାରତ):** ଅମୃତ ଭାରତ ୨.୦ ଟ୍ରେନ୍ ଭାରତୀୟ ରେଳବାଇର ଏକ ଆଧୁନିକ ପଦକ୍ଷେପ ଯାହା ସାଧାରଣ ଯାତ୍ରୀମାନଙ୍କୁ କମ ଭଡ଼ାରେ ଉନ୍ନତ ସୁବିଧା, ଆରାମ ଏବଂ ସ୍ୱଦେଶୀ ପ୍ରଯୁକ୍ତିର ଅଭିଜ୍ଞତା ପ୍ରଦାନ କରେ। ଏହି ଟ୍ରେନଟି ସ୍ୱତନ୍ତ୍ର ଭାବରେ ମଧ୍ୟବିତ୍ତ ବର୍ଗ ଏବଂ ଅନ୍ତ୍ୟୋଦୟ ପାଇଁ ଡିଜାଇନ୍ କରାଯାଇଛି।

## ଅମୃତ ଭାରତ ଟ୍ରେନ୍

ଏହାର କୋଚ୍ ସମ୍ପୂର୍ଣ୍ଣ ଭାବରେ ଭାରତରେ ନିର୍ମିତ ଏବଂ ଆତ୍ମନିର୍ଭରଶୀଳ ଭାରତର ଭାବନାକୁ ଆହୁରି ସୁଦୃଢ଼ କରିଥାଏ। ଅମୃତ ଭାରତ ଟ୍ରେନ୍ ସୁବିଧାଜନକ ଏହାର ଲୁକ୍ ଏବଂ ଡିଜାଇନ୍ ମଧ୍ୟ ବହୁତ ଆକର୍ଷଣୀୟ। ଏହା ଏକ ପ୍ରିମିୟମ୍ ଟ୍ରେନ୍ ଅଭିଜ୍ଞତା ପ୍ରଦାନ କରେ। ସାଧାରଣ ଲୋକ ମଧ୍ୟ ସମ୍ମାନ ଏବଂ ଆରାମର ସହିତ ଯାତ୍ରା କରିପାରିବେ ବୋଲି ରେଳବାଇର ପ୍ରୟାସ ଏବଂ ଏହି ଚିନ୍ତାଧାରା ସହିତ ଏହି ଟ୍ରେନ୍ ଆରମ୍ଭ କରାଯାଇଛି। ପରିବେଶ ସଚେତନତା, ଶକ୍ତି ସଂରକ୍ଷଣ ଏବଂ ଯାତ୍ରୀ ସୁବିଧା - ଏହି ତିନୋଟି ଦିଗ ହେଉଛି ଏହି ଟ୍ରେନ୍ର ପରିଚୟ। ଏହି ଟ୍ରେନ୍ ଦେଶର ବିକାଶର ନୂତନ ଗତି ଏବଂ ପରିବର୍ତ୍ତିତ ଭାରତର ଏକ ଝଲକ। ସୁରକ୍ଷା ଏବଂ ବୈଷୟିକ ଦୃଷ୍ଟିକୋଣରୁ ଅମୃତ ଭାରତ ୨.୦ ଟ୍ରେନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି କରାଯାଇଛି। ସୁରକ୍ଷାକୁ ଧ୍ୟାନରେ ରଖି, କପଲରରେ ଏକ କ୍ରାସ୍ ଟ୍ୟୁବ୍ ଏବଂ ରଚ-ସହାୟିତ ବ୍ରେକ୍ ସିଷ୍ଟମ୍ ଦିଆଯାଇଛି, ଯାହା ଦ୍ରୁତ ବ୍ରେକ୍ କରିବା ପାଇଁ ସକ୍ଷମ ହେବ। ଏହା ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ଗ୍ୟାଙ୍ଗୱେ ଏବଂ ଭାକ୍ୟୁମ୍ ଇଭାକ୍ୟୁଏସନ୍ ସିଷ୍ଟମ ସହିତ ସଜ୍ଜିତ। ପ୍ରତ୍ୟେକ କୋଚରେ ଟକ୍ ବ୍ୟାକ୍ ୟୁନିଟ୍ ଏବଂ ଗାର୍ଡ ରୁମରେ ରେସପନ୍ସ ୟୁନିଟ୍ ସହିତ ଯାତ୍ରୀ ସୁରକ୍ଷାକୁ ଆହୁରି ସୁଦୃଢ଼ କରାଯାଇଛି। ନନ୍-ଏସି କୋଚ୍ରେ ପ୍ରଥମ ଥର ପାଇଁ ଅଗ୍ନି ଚିହ୍ନଟ ପ୍ରଣାଳୀର ସୁବିଧା ଯାତ୍ରୀ ସୁରକ୍ଷାରେ ଏକ ନୂତନ ବିପ୍ଳବ। ଅମୃତ ଭାରତ ୨.୦ ସହିତ, ଭାରତୀୟ ରେଳବାଇରେ ପ୍ରଥମ ଥର ପାଇଁ ଏକ ଟ୍ରେନରେ ଅର୍ଦ୍ଧ-ସ୍ୱୟଂଚାଳିତ କପଲର ବ୍ୟବହାର କରାଯାଇଛି। ଯେତେବେଳେ ଟ୍ରେନଗୁଡ଼ିକ ସଂଲଗ୍ନ କିମ୍ବା ପୃଥକ କରାଯାଏ, କୌଣସି ଝଟକା କିମ୍ବା ଶବ୍ଦ ହୁଏ ନାହିଁ। ଏଥିରେ ସ୍ଥାପିତ ଡିଫର୍ମେସନ ଟ୍ୟୁବ୍ ଧକ୍କା ହେଲେ ଆଘାତକୁ ହ୍ରାସ କରେ, ଯାହା ଫଳରେ ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି ପାଏ।

# ସାରା ରାଜ୍ୟରେ ଅକ୍ଷୟମୁଠି ଅନୁକୂଳ କରିବ ବିଜେପି

**ଭୁବନେଶ୍ୱର,୨୩।୪ (ମହାଭାରତ):** ଅକ୍ଷୟ ତୃତୀୟା ହେଉଛି ଏକ କୃଷିଭିତିକ ପର୍ବ। ଓଡ଼ିଶାର ଆବାହନକାଳରୁ ଏହି ଦିନ ଚାଷୀ ନିଜ ଜମିରେ ପୂଜାର୍ଚ୍ଚନା କରିବା ସହ ମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ କରିଥାଏ। ଏପ୍ରିଲ ୩୦ ତାରିଖ (ବୁଧବାର) ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଜେପି କୃଷକ ମୋର୍ଚ୍ଚା ସାରା ରାଜ୍ୟରେ ଅକ୍ଷୟମୁଠି ଅନୁକୂଳ କାର୍ଯ୍ୟକ୍ରମ କରିବ। ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଚାଷୀ ସମାବେଶ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଶ୍ରୀ ସାହୁ ପ୍ରେସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, କୃଷି ଓ କୃଷକର ଉନ୍ନତି ପାଇଁ ବିଜେପି ସରକାର ବଦ୍ଧ ପରିକର। ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ସହ ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ଯୋଜନା କରଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଅନେକ କୃଷି କଲ୍ୟାଣୀକାରୀ ଯୋଜନା କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏସବୁ ଯୋଜନା ଉପରେ ଚାଷୀମାନଙ୍କୁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଅବଗତ କରାଯିବ। ତତ୍‌ସହିତ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀମାନଙ୍କୁ ସମ୍ମାନିତ କରାଯିବ। ଏସବୁ ଚାଷୀ ସମାବେଶ ଓ ଅକ୍ଷୟ ତୃତୀୟା ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ସମସ୍ତ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ନିମନ୍ତ୍ରଣ କରାଯିବ ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଦେଶ ସେବା କରିବାକୁ ସଂକଳ୍ପ ନିଅନ୍ତୁ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୩।୪ (ମହାଭାରତ):** ଛାତ୍ରଛାତ୍ରୀମାନେ ସେବା, କର୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ସୋମବାର ଅପରାହ୍ନରେ ସୈନିକ ସ୍କୁଲ ଭୁବନେଶ୍ୱରର ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କୁ ଲାଳନ ପାଳନ କରିଥିବା ପିତାମାତା ଏବଂ ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଏକ ଉତ୍ସବ, ସ୍ୱୀକୃତି ଓ ଗର୍ବର ଦିନ। ଶିକ୍ଷା, କ୍ରୀଡ଼ା, ସହ ପାଠ୍ୟକ୍ରମ କାର୍ଯ୍ୟକଳାପ ଏବଂ ଅନୁକରଣୀୟ ଶୃଙ୍ଖଳାରେ ସଫଳତା ପାଇଁ ସମ୍ମାନିତ / ପୁରସ୍କୃତ ହେଉଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ଭବିଷ୍ୟତ ଯାତ୍ରାରେ ମାଇଲଖୁଂଟ ହେଉ ଏବଂ ଆହୁରି ଅନେକ ସଫଳତା ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବାରେ ନିଷ୍ଠାପରତା ପାଇଁ ଅଧକ୍ଷ, ଅଧ୍ୟାପକ ଏବଂ କର୍ମଚାରୀଙ୍କର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଆନନ୍ଦରେ ଅଂଶୀଦାର ହେବା ପାଇଁ ଏକତ୍ରିତ ହୋଇଥିବା ପିତାମାତା, ସଂପର୍କୀୟ ଏବଂ ପୂର୍ବତନ ଛାତ୍ରଙ୍କ ଉପସ୍ଥିତି ବେଶ୍ ଉତ୍ସାହପ୍ରଦ ଏବଂ ସେମାନଙ୍କର ନିରନ୍ତର ପ୍ରୋତ୍ସାହନ, ସମର୍ଥନ ପ୍ରତ୍ୟେକ ଛାତ୍ରଙ୍କ ବିକାଶରେ ସବୁଠାରୁ ଦୃଢ଼ସ୍ତମ୍ଭ ଭାବେ କାର୍ଯ୍ୟକରିବ ବୋଲି ରାଜ୍ୟପାଳ କହିଥିଲେ। ସୈନିକ ସ୍କୁଲଗୁଡ଼ିକ ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବ ମନକୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ, ଆତ୍ମ-ଅନୁଶାସନ ଏବଂ ନେତୃତ୍ୱର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ସ୍ଥାପନ କରାଯାଇଥିଲା। ଦଶନ୍ଧି ଦଶନ୍ଧି ଧରି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସ, ପରଂପରା, ଗର୍ବ ଏବଂ ଉତ୍କର୍ଷତା ସହିତ ସେହି ଦୃଷ୍ଟିକୋଣକୁ ବଜାୟ ରଖିଛି। ଏହି ଅନୁଷ୍ଠାନ ଅନେକ ପ୍ରତିଷ୍ଠିତ ଅଧିକାରୀ, ସରକାରୀ କର୍ମଚାରୀ, ବିଭିନ୍ନ ବୃତିଧାରୀ ଏବଂ ଦାୟିତ୍ୱବାନ ନାଗରିକଙ୍କୁ ସୃଷ୍ଟି କରିଛି, ଯେଉଁମାନେ ସ୍କୁଲ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ଆଜିର ବିଶ୍ୱ ଦ୍ରୁତଗତିରେ ପରିବର୍ତନ ହେବା ସହ ଜଟିଳ ହେଉଛି। ଜଳବାୟୁ ପରିବର୍ତନ, ଡିଜିଟାଲ ଦାୟିତ୍ୱବୋଧ, ଜାତୀୟ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ଯୁବ ସମୁଦାୟ କେବଳ ସଫଳତା ହାସଲକାରୀ ଭାବରେ ନୁହେଁ ବରଂ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ହେବାକୁ ତଥା ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା, ଦୃଢ଼ ରହିବା ଏବଂ ଉତ୍କର୍ଷତା ହାସଲ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ବକ୍ତବ୍ୟ ପ୍ରଦାନ କରିବା ସହିତ ସୈନିକ ସ୍କୁଲ ଭୁବନେଶ୍ୱରର ଗରିମା ତଥା ସଫଳତା ସଂପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ମେଜର ଜେନେରାଲ ସୁଧାକର ଜୀ ଭିଏସ୍‌ଏମ୍, ନିରଞ୍ଜନ ଖୁଂଟିଆ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସୈନିକ ସ୍କୁଲର ଅଧକ୍ଷ କର୍ଣ୍ଣେଲ ବାଲୁ ଭାରଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




# ମହିଳା ଚାଷୀଙ୍କୁ ସଶକ୍ତ କରିବ ବାଉଁଶ ଚାଷ



**ଭୁବନେଶ୍ୱର,୨୩।୪ (ମହାଭାରତ):** ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଅଡିଟୋରିଅମ ହଲରେ ଲକ୍ଷପତି ଦିଦିମାନଙ୍କୁ ଆହୁରି ସଶକ୍ତ କରିବା ନିମନ୍ତେ ବାଉଁଶ ଚାଷ ଓ ଜୀବିକା ସୁଯୋଗ ସମ୍ବନ୍ଧୀୟ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ବାଉଁଶ ପ୍ରସ୍ତୁତ ଉତ୍ପାଦର ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ବାଉଁଶ ଚାଷ ଠାରୁ ଆରମ୍ଭ କରି ବାଉଁଶ ଶିଳ୍ପରେ ଲକ୍ଷପତି ଦିଦିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ମହିଳାମାନଙ୍କ ଦକ୍ଷତା ବିକାଶକୁ ଗୁରୁ ଦେଇ ସେମାନଙ୍କୁ ବାଉଁଶ ଭଳି ଲାଭଜନକ ବ୍ୟବସାୟରେ ସାମିଲ କରି ସେମାନଙ୍କ ଉଦ୍ୟୋଗୀ ହେବାର ସ୍ୱପ୍ନ ପୂରଣ କରିବା ନିମନ୍ତେ ଏହିଭଳି କର୍ମଶାଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବାଉଁଶ ଚାଷ ଏକ ଲକ୍ଷ ମହିଳା ଚାଷୀଙ୍କୁ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ। ମହିଳାମାନଙ୍କ ଦୃଢ ମନୋବଳ ପାଇଁ ଆଜି ସମଗ୍ର ଦେଶରେ ଓଡ଼ିଶା ଲକ୍ଷପତି ଦିଦି ସୃଷ୍ଟି କରିବାରେ ପ୍ରଥମ ହୋଇଛି। ଆଜି ଓଡ଼ିଶାରେ ଗାଁ ଗାଁ ରେ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ତଥା ବିଭାଗୀୟ ଅଧିକାରୀମାନଙ୍କୁ ଓଡ଼ିଶାକୁ ଲକ୍ଷପତି ଦିଦି ଯୋଜନାରେ ଭାରତରେ ନଂ.୧ ସ୍ଥାନରେ ପହଞ୍ଚାଇବାରେ ସେମାନଙ୍କର ଉତ୍ସର୍ଗୀକୃତ ଏବଂ ଅକ୍ଳାନ୍ତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ବିଶେଷ ଭାବରେ ଗ୍ରାମରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ନିରନ୍ତର ଏବଂ ନିଷ୍ଠାପର ଉଦ୍ୟମ ପାଇଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ସେ ଉଲ୍ଲେଖ କରିଥିଲେ। ଏଥି ସହିତ କ୍ଷେତ୍ରୀୟ କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ନେତ୍ରୀ ଏବଂ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ ଏବଂ ଓଡ଼ିଶା ଜୀବିକା ମିଶନ ତଥା ବିଭାଗୀୟ ଅଧିକାରୀମାନଙ୍କ ଅକ୍ଳାନ୍ତ ଓ ଉତ୍ସର୍ଗୀକୃତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ, ଡୋମେନ୍ (କ୍ଷେତ୍ର) ବିଶେଷଜ୍ଞମାନେ, ମାଷ୍ଟର ପ୍ରଶିକ୍ଷକମାନେ ଏବଂ ଇଣ୍ଡଷ୍ଟ୍ରି ଫାଉଣ୍ଡେସନ୍ ପରି ଜାତୀୟ ଅଂଶୀଦାର ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବାଉଁଶ ରୋପଣ କୌଶଳ, ଅନ୍ତର୍ଭୁକ୍ତ ଫସଲ ଚାଷ, ମୂଲ୍ୟ ଯୋଗ, ଉତ୍ପାଦ ବିବିଧୀକରଣ, ମୂଲ୍ୟ ନିର୍ଦ୍ଧାରଣ, ଡିଜାଇନ୍ ନବୀକରଣ, ବିପଣନ ଏବଂ ରପ୍ତାନି ସମ୍ଭାବନା ଉପରେ ଅଧିବେଶନ ଆୟୋଜିତ ହେବ। ପ୍ରଶିକ୍ଷଣ ପାଠ୍ୟକ୍ରମରେ ଫରେଷ୍ଟ ଷ୍ଟୁଆର୍ଡ଼ସିପ୍ କାଉନ୍ସିଲ୍ (ଏଫଏସସି) ସାର୍ଟିଫିକେସନ୍, କାର୍ବନ୍ କ୍ରେଡିଟ୍ ମୁଦ୍ରୀକରଣ, ଏବଂ ଜାତୀୟ ବାଉଁଶ ମିଶନ୍ ଭଳି ପ୍ରମୁଖ ଯୋଜନା ସହିତ ଏକତ୍ରୀକରଣ ପାଇଁ ସମନ୍ୱୟ ରଣନୀତି ଉପରେ ଆଲୋକପାତ କରାଯିବ। ସମସ୍ତ ଜିଲ୍ଲାର ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର, ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର, ଜୀବିକା ବିଶେଷଜ୍ଞ ଏବଂ କ୍ଲଷ୍ଟର୍ ସ୍ତରୀୟ ପ୍ରଶିକ୍ଷକମାନେ ସକ୍ରିୟ ଭାବରେ ଏହି କର୍ମଶାଳାରେ ଭାଗ ନେଇଥିଲେ।

# କଂଗ୍ରେସ ଭବନରେ ଜାନକୀ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୩।୪ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ, କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ କଂଗ୍ରେସ ସେବାଦଳର ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ। ସର୍ବପ୍ରଥମେ ପ୍ରଦେଶ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଓ ଡ. ଅସିତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଦୋଷ ପଟ୍ଟନାୟକ କହିଲେ ଯେ ସ୍ୱର୍ଗତ ଜାନକୀ ବାବୁ ଅହରହ ଓଡ଼ିଶାର ବିକାଶ ଦିଗରେ ଚିନ୍ତା କରୁଥିଲେ। ସେ ଦୁର୍ଗତ ମଣିଷର ବିକଳକୁ ଅନୁଭବ କରିପାରୁଥିଲେ। ୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟାକୁ ସେ ସଠିକ ମୁକାବିଲା କରିପାରିଥିଲେ। ତାଙ୍କ ସମୟରେ ରାଜ୍ୟରେ ଶିଳ୍ପ ବିପ୍ଳବ ସୃଷ୍ଟି ହୋଇଥିଲା। ଅନ୍ୟତମ ବକ୍ତା ଡ. ବୁଦ୍ଧଦେବ ମିଶ୍ର ଓ ଡ. ଅସିତ ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଆଜିର ଓଡ଼ିଶାବାସୀ ଜାନକୀ ବାବୁଙ୍କ ୧୪ ବର୍ଷର ଶାସନ ସମୟର ସଫଳତା ବିଷୟରେ ଜାଣିବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ଡ. ରାମ ଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



# ମୃତ ପୋଲିସ କର୍ମଚାରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ସହାୟତା

**ଭୁବନେଶ୍ୱର,୨୩।୪ (ମହାଭାରତ):** କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ସଡ଼କ ଦୁର୍ଘଟଣାରେ କର୍ତ୍ତବ୍ୟରତ ୨ଜଣ ପୁଲିସ୍ କର୍ମଚାରୀ (ଜଣେ ଓଏପିଏଫ୍ କନେ୍ଷ୍ଟବଲ୍ ଏବଂ ଜଣେ ହୋମ୍ ଗାର୍ଡ)ଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଉଭୟଙ୍କ ନିକଟ ସଂପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଉଭୟ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତିୟ ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ପିସିଆରଭ୍ୟାନକୁ ଟ୍ରକ୍ ଚାପିଦେବା ଫଳରେ ଅକାଳରେ ଚାଲିଯାଇଥିଲା ୨ ପୁଲିସ କର୍ମଚାରୀଙ୍କ ଜୀବନ। ଖାଲି ସେତିକି ନୁହେଁ, ଏଥିରେ ଆଉ ଜଣେ ପୁଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ ପୁଲିସ ଉଦ୍ଧାର କରି ଏସସିବିରେ ଭର୍ତ୍ତି କରିଥିବା ଜଣାଯାଇଛି।

କଟକ-ପାରାଦୀପ ରାସ୍ତାର ଗତିରାଉତପାଟଣାରେ ସଡ଼କ ଦୁର୍ଘଟଣାରେ କର୍ତ୍ତବ୍ୟରତ ୨ଜଣ ପୁଲିସ୍ କର୍ମଚାରୀ (ଜଣେ ଓଏପିଏଫ୍ କନେ୍ଷ୍ଟବଲ୍ ଏବଂ ଜଣେ ହୋମ୍ ଗାର୍ଡ)ଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଉଭୟଙ୍କ ନିକଟ ସଂପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଉଭୟ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତିୟ ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

**ଭୁବନେଶ୍ୱର,୨୩।୪ (ମହାଭାରତ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଙ୍କ ଅଧ୍ୟକ୍ଷତାରେ ୨୦୨୪-୨୫ କେ ଏମ ଏସ ବର୍ଷର ଦ୍ୱିତୀୟ ଧାନ ସଂଗ୍ରହଣ (ରବି ଧାନ)କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପଟ୍ଟନାୟକ, ବିଧାୟକ ମାନଙ୍କ ପ୍ରତିନିଧି ବୃନ୍ଦଙ୍କ ସମେତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ଏବଂ ବିଭାଗୀୟ ଅଧିକାରୀ ତଥା କମିଟି ସଦସ୍ୟା ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ମାନ୍ୟବର ବିଧାୟକ ଏବଂ ପ୍ରତିନିଧି ବୃନ୍ଦଙ୍କୁ ତଥା ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରି କହିଲେ ଯେ ଗତ ଖରିଫ ଧାନ ସଂଗ୍ରହଣ ସମୟରେ ସମସ୍ତ କର୍ମଚାରୀ, ମିଲର ମାଲିକ ,ଚାଷୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଯେପରି ନିଷ୍ଠାପର ସେବା ପ୍ରଦାନ କରି ସଫଳ କରାଇଲେ ସେହିପରି ରବିଋତୁରେ ମଧ୍ୟ ନିଷ୍ଠାପର ସେବା ଯୋଗାଇ ଦେବେ। ସମବାୟ ସମିତି ସଭାପତି, ସମ୍ପାଦକ ମାନେ ତତ୍ପରତା ପ୍ରକାଶରେ ଅବହେଳା କଲେ ସେମାନଙ୍କ ଅଧୀନ ପ୍ୟାକ୍ସ ଗୁଡ଼ିକୁ ବନ୍ଦ କରାଯିବ।

ଚାଷୀ ମାନଙ୍କ ହିତ ନିମନ୍ତେ ପ୍ରଶାସନ କାର୍ଯ୍ୟ କରୁଛି। ଯେଉଁ ସମବାୟ ସମିତି ଧାନ ସଂଗ୍ରହଣରେ ଦାୟିତ୍ୱ ନିର୍ବାହରେ ପକ୍ଷ ପାତିତା କରିବେ ସେମାନଙ୍କ ପ୍ୟାକ୍ସ୍ ବନ୍ଦ କରାଯିବ। ମାନ୍ୟବର ବିଧାୟକ ବେଗୁନିଆ। ପ୍ରଦୀପ କୁମାର ସାହୁ କହିଲେ ଜଳସେଚନକୁ ସଠିକ୍ ଭାବେ ସଞ୍ଚାଳନ କଲେ ଚାଷୀମାନେ ଭଲ ଉପକୃତ ହୋଇ ପାରିବେ। ପ୍ୟାକସ ଓ ଚାଷୀ ଧାନର ଗୁଣବତ୍ତା ର ଦସ୍ତଖତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ବୋରୱେଲ ଗୁଡ଼ିକୁ ସଚଳ ପାଇଁ ଉଠାଜଳସେଚନ ବିଭାଗ କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗହ୍ମାରି ମୁଣ୍ଡା ନୂତନ ପ୍ୟାକସ ଖୋଲିବାକୁ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ନିୟନ୍ତ୍ରିତ ବଜାର କମିଟି ଗୁଡିକ ମଣ୍ଡିକୁ ଆବଶ୍ୟକ ସରଞ୍ଜାମ ଯୋଗାଇବା, ସଚେତନତା କାର୍ଯ୍ୟକ୍ରମ କରିବା, ଚାଷୀ ଆଶ୍ରୟସ୍ଥଳ, ପାନୀୟଜଳ, ଆଲୋକ ବ୍ୟବସ୍ଥା ଓ ତାର୍ପୋଲିନ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇବା ଦିଗରେ ପ୍ରକାଶ କରିଥିଲେ। ମଙ୍ଗୁଲିଆ। ପଂଚାୟତ ସଅଁପୁର ଠାରେ ଥିବା ପୋଖରୀକୁ ପୁନରୁଦ୍ଧାର କରି ବର୍ଷାଜଳ ସଂଗ୍ରହ କରିବାକୁ ମାନ୍ୟବର ବିଧାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏହିକ୍ରମେ ଜିଲ୍ଲାପାଳ ସମସ୍ତ ଜଳ ସେଚନ ବିଭାଗ ଅଧିକାରୀଙ୍କୁ ଏହି କମିଟିରେ ସଭ୍ୟ/ସଭ୍ୟା କରିବାକୁ ସି ଏସ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଙ୍କ ପ୍ରତିନିଧି ଙ୍କ ରମନା କୁଦ ସମସ୍ୟାର ଧାନ ଉଠାନ ଉପରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେଯେ ମିଲର ମାନେ ତାଙ୍କର ଟାର୍ଗେଟ ଅନୁଯାୟୀ ଧାନ ନିଶ୍ଚିତଭାବେ ଉଠାଇବେ।



ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ



## ସାଇବାର କ୍ରାଇମ

ରାଜ୍ୟରେ ଦଙ୍ଗା, ଗୋଷ୍ଠୀ ସଂଘର୍ଷ ଏବଂ ଜଳାପୋଡ଼ା କମିଛି । କିନ୍ତୁ ଗୋଟିଏ କଥାକୁ ଶ୍ୱେତପତ୍ର ମାଧ୍ୟମରେ ସରକାର ସ୍ୱୀକାର କରିଛନ୍ତି ଯାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତାହା ହେଲା ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି । ଡିଜିଟାଲ କାରବାର ବଢୁଥିବା ବେଳେ ଏହା ସହିତ ତାଳ ଦେଇ ସାଇବାର କ୍ରାଇମ ମଧ୍ୟ ବଢୁଛି । ଏହାକୁ ରୋକିବାରେ ବା ସାଇବର ଅପରାଧୀଙ୍କଠାରୁ ଲୁଟ ଟଙ୍କା ଉଦ୍ଧାର କରିବାରେ ପୋଲିସକୁ ଯଥେଷ୍ଟ ସଫଳତା ମିଳିନି । ପୋଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଉଛନ୍ତି । ସାଇବର ଅପରାଧ ରୋକିବାକୁ ଥାନାରେ ସ୍ୱତନ୍ତ୍ର ସାଇବର ସେଲ ଖୋଲାଯାଇଛି । କିନ୍ତୁ ଏହା ସତ୍ତ୍ୱେ ଅପରାଧ ହାର ବଢ଼ିଚାଲିଛି । ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି । ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି । ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି । ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି । ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି । ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି । କାରଣ ସେମାନେ ସତର୍କ ହୋଇଯାଇଛନ୍ତି । କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି । ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି । ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ । କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ । କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି । ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି । ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି । ଏହା ଅଚଳ ହୋଇଯିବ । ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ । ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି । ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି । କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି । ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି । ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି । ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି । ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା । ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି । ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ । କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିଙ୍କୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ ।

## ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

*;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି ।*

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଋହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଋଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଋହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଋଲିଯାଇଛନ୍ତି । ସେ ଦୁବାଇଲେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଋଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଋଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

## ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି । ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି । ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା । ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି । ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା । ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ । ଏହାର ମୂଲ୍ୟ ଅମୂଲ୍ୟ । ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା । ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧାତ୍ମିକ ପକ୍ଷ ମଧ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧାତ୍ମିକ ହୋଇପାରୁନି । ଆଧାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧାତ୍ମିକ ପକ୍ଷକୁ ମଧ ବିକଶିତ କରିବାକୁ ହୁଏ । କାରଣ ଆଧାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## କୁନି ଓଠରେ କଥା ନାହିଁ

॥ ଡାକ୍ତର କାନ୍ତୀ ନାୟକ ॥

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜକୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୬୬୬୬୦**




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗାଁ ସ୍କୁଲ ଖୋଲିବାକୁ ନିବେଦନ କଲେ ଛାତ୍ର

ହାଟଡିହି, (ମହାଭାରତ) : ହେ ସରକାର ଆମ ସ୍କୁଲ ଆମକୁ ଫେରେଇ ଦିଅ, ପାଠ ପଢିବାକୁ ଆକୁଳ ନିବେଦନ କରିଛନ୍ତି ଛାତ୍ର ଛାତ୍ରୀ, ଗାଁ ଲୋକ ଚାହିଁ ରହିଛନ୍ତି ବିଭାଗୀୟ ମନ୍ତ୍ରୀ ଙ୍କୁ । ଗାଁ ର ଅଧିକାଂଶ ଲୋକ ବି ଗରିବ, ପିଲା ଙ୍କ ସହ ଆମେବି ବିଦ୍ୟାଳୟ କୁ ଯିବାକୁ ପଡୁଛି । ହଁ ଆଜ୍ଞା ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ର ଆମ୍ଭୋ ପଂଚାୟତ ର ବେଗୁନିଆ ପଦି ପ୍ରାଥମିକ ବିଦ୍ୟାଳୟରେ । ୨୦୨୦ମସିହା ରୁ ବନ୍ଦ ହୋଇ ଯାଇଛି ଆମ ସ୍କୁଲ । ଏବେ ଯିବାକୁ ପଡୁଛି ତିନି କିଲେ ମିଟର ରାସ୍ତା ପାର ହୋଇ ଟୁକୁଣା ପର୍ଯ୍ୟନ୍ତ । ଯାହାକୁ ନେଇ ପରିବାର ଲୋକେ ସବୁବେଳେ ଚିନ୍ତାରେ । ଏହାକୁ ନେଇ ବିଧାୟକଙ୍କୁ ଭେଟି ଛନ୍ତି ଗାଁ ଲୋକେ । କେମିତି ଫେରିବ ସ୍କୁଲ, କରି ଛନ୍ତି ବିନତୀ । ସରକାର ଙ୍କ ନିର୍ଦ୍ଦେଶ କୌଣସି ସ୍କୁଲ ବନ୍ଦ ହେବ ନାହିଁ । ହେଲେ ଅପେକ୍ଷା କେବେ ଖୋଲୁଛି ଏହି ସ୍କୁଲ, କୁନି କୁନି ଛୁଆଁଙ୍କ ନେବେଦନ ଶୁଣିବେ କି ମୋହନ ସରକାର ? ଏଭଳି ଦୁଃଖ ଜଣାଇଛନ୍ତି ବଳରାମ ବେହେରା, ଲିଟୁ ଜେନା, ଟୁଟୁ ଜେନା, ରଞ୍ଜିତି ଜେନା, ଉମାକାନ୍ତ ଦାସ, ରାଜେଶ ଜେନା, ଜଗବନ୍ଧୁ ଜେନା, ମଳୟ ଜେନା, ଗଣେଶ୍ୱର ଜେନା ,ପ୍ରଶାନ୍ତ ଜେନା, ସୁଶାନ୍ତ ଜେନା ,ପ୍ରକାଶ ଜେନା ଏପରି ଅନେକ ଲୋକେ ।

## ଓକିଲଙ୍କ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରୀ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ହୁଡ଼ି ସାହିରେ ଥିବା ସୂର୍ଯ୍ୟକାନ୍ତ ତ୍ରିପାଠୀ ଙ୍କ ଘରେ ପଶି ଚୋର ମାନେ ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଚୋରୀ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି ସୂର୍ଯ୍ୟ କାନ୍ତ ତ୍ରିପାଠୀ ସେରବିବାର ଦିନ ତାଙ୍କ ଗାଁ ଜାଇଥିଲେ ତାଙ୍କ ମାଁ ଙ୍କର ସିରାଧ ଦେବା ପାଇଁ ସେଇ ସୁଯୋଗ ନେଇ ଚୋରମାନେ ଘରେ କଳାକନା । ବୁଲାଇ ଦେଲେ ଅଭିଯୋଗ ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଚୋର ମାନେ ଘର ର ପଛ ପାର୍ଶ୍ୱ ପାଚେରୀ ଡେଇଁ ଘର ର କବାଟ ଭାଙ୍ଗି ପଶି ଥିଲେ । ଘର ଭିତରେ ଥିବା ଆଲମାରୀ କୁ ମଧ୍ୟ ଭ ।ଙ୍ଗି ସେଥିରେ ଥିବା ୨୫ ହଜାର ଟଙ୍କା ନଗଦ ଓ ସୁନା କାନ ଫୁଲ,ମୁଦି, ସୁନା ଚେନ, ମୋଟ । କାଚ ଅଳଙ୍କାର ପ୍ରଭୃତି ଚୋରୀ କରି ନେବା ସହିତ ଅନ୍ୟାନ୍ୟ ଜିନିଷ ପତ୍ର ଘର ଭିତରେ ଫୋପାଡି ଦେଇ ଚାଲି ଯାଇଥିଲେ । ତେବେ ମଙ୍ଗଳ ବାର୍ ସକାଳ ସମୟରେ ସେ ଯୋଡା ରେ ନ ଥିବାରୁ ତାଙ୍କୁ ଫୋନ କରି ଲୋକେ ଜଣାଇ ଥିଲେ । ଏ ନେଇ ସେ ଯୋଡା ଥାନାରେ ଚୋରୀ ଘଟଣା ସମ୍ପର୍କରେ ଲିଖିତ ଭାବେ ପୋଲିସକୁ ଜଣାଇଥିବା ସୂର୍ଯ୍ୟକାନ୍ତ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଟ୍ରାଫିକ ବ୍ୟବସ୍ଥା ଓ ଆଲୋକିକରଣ ଦାବି

ପରଜଙ୍ଗ , (ମହାଭାରତ ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମ ନିକଟ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥ ଓମ ପେଟ୍ରୋଲ ପମ୍ପ ବାଇପାସ ଠାରେ ୪ ଛକ ବିଶିଷ୍ଟ ହୋଇ ଥିବାରୁ ଏହି ସ୍ଥାନରେ ଭାରି ଜଣ ଯାଉଥିବାରୁ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ଏଡ଼ାଇ ହେବ ନାହିଁ । ଏଠାରେ ଦୈନନ୍ଦିନ ଛୋଟ ବଡ ଗାଡ଼ି ଦୁର୍ଘଟଣା ଘଟିବାର ନଜିରକୁ ଆସୁଅଛି । ତେବେ ଏଇ ନିକଟ କିଛି ଦିନ ପୂର୍ବରୁ ସକାଳ ସମୟରେ ଟ୍ରକ ଓ ବାଇକ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଛି । ଏହି ଦୁର୍ଘଟଣା ରୋକିବାକୁ ହେଲେ ଏଠାରେ ଏକ ଗୋଲେଇ ଟ୍ରାଫିକ ବ୍ୟବସ୍ଥା ନିତ୍ୟାନ୍ତ ଆବଶ୍ୟକ ରହିଛି । ଯଦ୍ୱରା ଦୈନନ୍ଦିନ ଦୁର୍ଘଟଣା ରୋକା ଯାଇ ପାରିବ । ଅନ୍ୟ ଏକ ସମସ୍ୟା ପରଜଙ୍ଗ ପେଟ୍ରୋଲ ପମ୍ପ ବାଇପାସ୍ ଠାରୁ ଡିହଡୋଳ ଓଭର ବ୍ରିଜ ମଧ୍ୟ ରାସ୍ତା ଟି ମୁଖ୍ୟତଃ ରାତ୍ର ସମୟରେ ଚୋର, ଡକାୟତ ଓ ମଦୁଆ ମାନଙ୍କର ଆଡ୍ଡା ସ୍ଥଳ ହୋଇ ଯାଇଛି । ଏହି ରାସ୍ତା ଦେଇ ଯାଉଥିବା ଟ୍ରକ୍, କାର୍ ଓ ବାଇକ୍ କୁ ଅଟକାଇ ଚୋରି ଏବଂ ଛିନ୍ ତାଇ ଭଳି ଘଟଣା ଘଟୁଛି । ପେଟ୍ରୋଲ ପମ୍ପ ଠାରୁ ଡିହଡୋଳ ଓଭର ବ୍ରିଜ ପର୍ଯ୍ୟନ୍ତ୍ ରାସ୍ତା ର ଉଭୟ ପାର୍ଶ୍ୱରେ ଆଲୋକିକରଣ କରାଗଲେ ଚୋର, ଡକାୟତ ଓ ଛିନ ତାଇ ଭଳି ଘଟଣା ହ୍ରାସ ପାଇବ ସଙ୍ଗେ ଗାଡି ଚାଳକ ଓ ସର୍ବ ସାଧାରଣ ଭୟଭୀତ ନ ହେବା ସହ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ଏନେଇ ପରଜଙ୍ଗ ଗ୍ରାମ ବାସୀ ବୃନ୍ଦ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଙ୍କୁ ଢ଼େଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ମନଡେକାଲୋ ଜରିଆ ରେ ଏକ ଲିଖିତ ଦାବି ପତ୍ର ପ୍ରଦାନ କରି ପରଜଙ୍ଗ ବିଧାୟକ, ଉପ ଜିଲ୍ଲାପାଳ କାମାକ୍ଷା ନଗର, ତହସିଲଦାର ପରଜଙ୍ଗ ଓ ଥାନା ଅଧିକାରୀ ପରଜଙ୍ଗ କୁ ଏହାର ନକଲ ପ୍ରଦାନ କରି ଅବଗତ କରାଇବା ସହ ଦାବି ଉପସ୍ଥାପନ କରିଥିଲେ ପରଜଙ୍ଗ ଗ୍ରାମବାସୀ । ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ପ୍ରଶାସନିକ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେବାକୁ ପରଜଙ୍ଗ ଗ୍ରାମବାସୀ ଦୁର୍ଗା ଚରଣ ପାତ୍ର, ଅଶୋକ କୁମାର ସୁବାହୁ ସିଂ, ସୁବ୍ରତ କୁମାର ଦାସ, ଶ୍ରୀନିବାସ ବେହେରା, ସୁବ୍ରତ କୁମାର ପରିଡ଼ା, ବିଜୟ କୁମାର ପାତ୍ର, ଶାନ୍ତନୁ କୁମାର ଜେନା ।

## ମହାଭାରତ ଖବରର ମହାପ୍ରଭାବ ମଞ୍ଜୁଙ୍କ ପରିବାରକୁ ମିଳିବ ଘରଡିହ ଜମି

ରାଇରଙ୍ଗପୁର, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ସହର ଅଁଳାଡୁବା କହ୍ନସାହିର ଆଦିବାସୀ ଝିଅ ମଞ୍ଜୁ ନାଏକଙ୍କ ସଂଘର୍ଷମୟ ଜୀବନକୁ ନେଇ ଦୈନିକ 'ମହାଭାରତ 'ଖବର କାଗଜରେ ଗତ ୧୫.୦୪.୨୦୨୫ରେ'ମଞ୍ଜୁ ନାଏକ ହାତେ ଧର୍ଯ୍ୟ ର ମଞ୍ଜୁଆତି 'ଖବର ପ୍ରକାଶିତ ହୋଇଥିଲା । 'ମହାଭାରତ 'ଖବର କାଗଜରେ ଏହି ଖବର ପ୍ରକାଶିତ ହେବା ପରେ ପ୍ରଶାସନ ଚେଇଁଛି । ଯେଉଁଥିରେ ଆଦିବାସୀ ଗରିବ, ଭୂମିହୀନ ପରିବାରରେ ଜନ୍ମ ହୋଇଥିବା ପିତା ଦିଲ୍ଲିପ ନାଏକ ଏବଂ ମାତା ସୁରଧି ନାଏକ ଝିଅ ମଞ୍ଜୁଙ୍କ ସଂଘର୍ଷମୟ ଜୀବନ କାହାଣୀ ସମ୍ପର୍କରେ ବର୍ଣ୍ଣନା ଅଛି । 'ମହାଭାରତ 'ଖବର କାଗଜ ରୁ ତାଙ୍କରି ପରିବାରର ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ହେବା ପରେ ଏହି ଖବରକୁ ପ୍ରଶାସନ ଗୁରୁତର ସହିତ ବିଚାର କୁ ନେଇଥିବା ଜଣାପଡିଛି । ମଞ୍ଜୁଙ୍କ ପରିବାରର ଘର ନିର୍ମାଣ ପାଇଁ ଆବଶ୍ୟକ ଘରଡିହ ନିମନ୍ତେ ପ୍ରଶାସନ ତରଫରୁ ଜମି ଜଗାଇ ଦିଆଯିବ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷଳୟରୁ ପକ୍ଷରୁ ସୂଚନା ମିଳିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅଧିକାରୀ ମାନେ ସୋମବାର ମଞ୍ଜୁଙ୍କ ଅଁଳାଡୁବା ଇସ୍ଥିତ ଘରକୁ ଆସି ପରିବାରର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଏହାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

## ନୋ ଏଣ୍ଟ୍ରିକୁ ନେଇ ରାସ୍ତା ଅବରୋଧ: ଯାତାୟତ ଠପ

ଅନୁଗଳ, (ମହାଭାରତ): ଅନୁଗୋଳରୁ ଛେଣ୍ଡିପଦା ସଂଯୋଗ କରୁଥିବା ୬୩ ନମ୍ବର ରାଜ୍ୟ ରାଜପଥର ଜରାସିଂହା ଗ୍ରାମ ମଧ୍ୟ ଦେଇ ଶହ ଶହ ଭାରିଯାନ ଚଳାଚଳ କରୁଛି । ଯାହାଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନି ହେଉଛି । ବିଗତ ଦିନରେ ବହୁ ବାର ଦାବି ଆପ□ ପରେ ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ ରୋକ ଲଗା ଯାଇଥିଲା ।କିଛି ମାସର ବ୍ୟବଧାନ ପରେ ପୁଣି ନୋ ଏ[ କୁ ହଟାଯାଇଥିଲା ଯାହା ଫଳରେ ଟ୍ରକ ଚକା ତଳେ ନୀରିହ ଲୋକଙ୍କ ଜୀବନ ଯାଉଛି । ଏଥିପାଇଁ ପାଂ ଦଫା ଦାବିନେଇ ରାସ୍ତାକୁ ଓଲ୍ହାଇଛନ୍ତି ପାଂ ପଂାୟତ ବାସୀ ,ନୋ ଏ[ ଦାବି ସକାଳ ୬ ଘ[କା ଠାରୁ ରାତ୍ର ୧୦ ଘ[କା ପର୍ଯ୍ୟନ୍ତ ସମସ୍ତ ଭାରି ଯାନ, ଖଣି ଅଂଳରୁ ଭଣ୍ଡୁବର ପର୍ଯ୍ୟନ୍ତ ଜଳ ଛିଂନ, ପ୍ରତ୍ୟେକ ଛକରେ ହୋମଗାର୍ଡ ବ୍ୟବସ୍ଥା ,ତୁରନ୍ତ ବାଇପାସ ନିର୍ମାଣ ଓ ପ୍ରତ୍ୟେକ ଭାରି ଯାନ ର ଗତି ଘ[ାପ୍ରତି ୨୦ ରହିବା ଦାବି ନେଇ ରାଜରାସ୍ତା ଅବରୋଧ କରିଛନ୍ତି ଅନୁଗୋଳ ଜିଲ୍ଲା ର ପାଂଟି ପଂାୟତ ବାସୀ । ଯଥା କୁମଣ୍ଡ, ବେଡାସର,ବେଣାଗାଡିଆ, ଜରାସିଂହା ଓ ପରଙ୍ଗ ଗାଁ ମଧ୍ୟରେ ଭାରିଯାନ ଚଳାଚଳକୁ ବିରୋଧ କରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କୁ ଓଲ୍ହାଇଛନ୍ତି ପଂାୟତ ବାସୀ । ଅନୁଗୋଳ -ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଛନ୍ତି । ଯାହା ଫଳରେ ରାସ୍ତା କଡରେ ଅଟକି ରହିଛି ଶହ ଶହ ଗାଡି । ଏହି ରାଜପଥ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଘଟଣା ସ୍ଥଳରେ ପ୍ରଶାସନ ଓ ପୋଲିସ ପହଂ ଅବରୋଧ କାରି ମାନଙ୍କୁ ବୁଝାସୁଝା କରୁଥିବା ସୂଚନା ମିଳିଛି ।

# ପୋଲିସ ତଦନ୍ତ ଉପରେ ଭରସା ନାହିଁ: ଖଟଦେବତାର ପଶିଲେ ଶରଣ



କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲା କନ୍ଦୂଆଗାଁ ବ୍ଲକ ସିର୍ଦିଗୁଡା ପଂାୟତର ସ୍ୱପ୍ନପୁର ଗ୍ରାମରେ ବୁଲୁଛି ଖଟଦେବତା । ଆଜିବି ମଣିଷ ବିଜ୍ଞାନକୁ ଛାଡି ଅନ୍ଧ ବିଶ୍ୱାସର ବସବ□ୀ ହୋଇ ବିଶ୍ୱାସ କରୁଛି ଗୁଣିଗାରେଡି, ତନ୍ତ୍ର, ମନ୍ତ୍ର, ଖଟଦେବତା ଉପରେ ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କନ୍ଦୂଆଗାଁ ଥାନା ଅଂଳରେ ।ଖବର ପ୍ରକାରେ କନ୍ଦୂଆଗାଁ ଥାନା ସି□ଗୁଡା ପଂାୟତ ସ୍ୱପ୍ନପୁର ଗ୍ରାମର ବ୍ୟବସାୟୀ ନବକିଶୋର ସାହୁ ଙ୍କ ପତ୍ନି ଦୀପ୍ତିମୟୀ ସାହୁଙ୍କ ତିନିଲକ୍ଷ ଟଙ୍କାର ସୁନା ହାର ଚୋରୀ ହୋଇଥିବା କନ୍ଦୂଆଗାଁ ଥାନାରେ ଏତଲା ଦେଇଥିଲା ।ଏତଲା ପ୍ରକାରେ କନ୍ଦୂଆଗାଁ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ସଂଦ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ । କିନ୍ତୁ ସୁନାହାର ଖୋଜିବାରେ ପୋଲିସର ତଦନ୍ତଗରେ ଶିଥିଳତା ପଡିଯାଇଥିଲା । ବାରମ୍ବାର ଥାନାର ଦ୍ୱାରସ୍ତ ହୋଇ ବିଫଳ ହେବା ପରେ ଆଇନର ଭରସା ହରାଇ ଖଟଦେବତାକୁ ବିଶ୍ୱାସ ଓ ଭରସା କଲେ ପରିବାର । ତେଣୁ ଆଜି ସକାଳେ ଗ୍ରାମରେ ଖଟ ବୁଲାଇଥିଲେ ଚୋରି ସୁନା ପାଇବା ଆଶାରେ । କିନ୍ତୁ ଖଟଦେବତା ଆଣିଥିବା ଗୁଣିଆ ମୋ ଖଟକୁ ବନ୍ଦନ ଦିଆଯାଇଛି ତେଣୁ ଚୋରକୁ ଧରିପାରି ନଥିବା କହିଛନ୍ତି, ବନ୍ଧନ ଫିଟାଇଲା ପରେ ମୋ ଖଟ ନିଶ୍ଚିତ ଚୋରକୁ ଧରିବ ଓ ଚୋରି ହୋଇଥିବା ସୁନା ଅଳଙ୍କାର ସେ ନିଶ୍ଚିତ ପାଇବେ ବୋଲି କହିଛନ୍ତି ଖଟ ଦେବତା ନେଇ ଆସିଥିବା ତାନ୍ତ୍ରିକ ବାବା । ଖଟଦେବତା ଗ୍ରାମରେ ବୁଲୁଥିବା ଖବର ପାଇ କନ୍ଦୂଆଗାଁ ପୋଲିସ ପହଁଚିଥିଲା କିନ୍ତୁ କିଛି ସମୟ ରହି ସେଠାରୁ ନିରବ ହୋଇ ପଳାଇଥିବା କହିଛନ୍ତି ଲୋକେ । ପୋଲିସ ଲୋକଙ୍କୁ ନ୍ୟାୟ ନ ଦେବାରୁ ବିଜ୍ଞାନ ଯୁଗରେ ଲୋକେ ନ୍ୟାୟ ପାଇଁ ପୋଲିସ ପଛରେ ନପଡି ଖଟଦେବତା ଭଳି ଅନ୍ଧ ବିଶ୍ୱାସକୁ ବିଶ୍ୱାସ କରୁଥିବା ଦେଖିବାକୁ ମିଳିଛି । କାହିଁକି ପୋଲିସ ଲୋକଙ୍କୁ ନ୍ୟାୟ ଦେଇପାରୁନାହିଁ ପୋଲିସର ପାରିଆପଣିଆ ଉପରେ ଉଠୁଛି ପ୍ରଶ୍ନ । ଏହା ଉପରେ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ଉକ୍ତ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ଦାବୀ କରିଛନ୍ତି ସ୍ଥାନୀୟ ଜନସାଧାରଣ । ଦେଖିବାକୁ ବାକି ରହିଲା ସାହୁ ପରିବାର ପୋଲିସ ଠାରୁ ନ୍ୟାୟ ପାଉଛନ୍ତି ନା ତନ୍ତ୍ର ମନ୍ତ୍ରକୁ ବିଶ୍ୱାସ କରୁଛନ୍ତି ।

## ଆଧାରେ କାମ ଛାଡି ଦେଇ ଠିକାଦାର ଛୁ



ହିନ୍ଦୋଳ, (ମହାଭାରତ); ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଚିର ଅବହେଳିତ, ଏଠାରେ ଏବେ ଅନେକ ଗ୍ରାମ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ମୋବାଇଲ ସଂଯୋଗ, ଗମନାଗମନ କ୍ଷେତ୍ରରେ ଚିର ଅବହେଳିତ ହୋଇରହିଛି । ଏଥି ସ୍ଥାନ ମାନଙ୍କରେ ଧୋବ ଫରଫରିଆ ବାବୁ ବାବୁଆଣୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ପାଦ ପଡେନାହିଁ । ଏବେବି ରହିଛି ଅନେକ ବିଛିର୍ନାଂଳ ଯାହାର ଚିତ୍ର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେବି ନିଦ ଭାଙ୍ଗୁନି ସରକାରୀ ବାବୁ ନିର୍ବାଚିତ ପ୍ରତିନିଧିଙ୍କର । ସମସ୍ତେ ନିଜନିଜ ପକେଟ ଗରମ କରିବାରେ ବ୍ୟସ୍ତ । ତେବେ ହିନ୍ଦୋଳ ଉପଖଣ୍ଡରେ ମେଗା ପାନୀୟ ଜଳ ପ୍ରକଳ୍ପ କଚ୍ଛପ ଗତିରେ ଚାଲିଥିବା ବେଳେ କେତେକ ଜାଗାରେ ରାସ୍ତାକୁ ଖୋଳି ଦେଇ ଠିକାଦାର ଛୁ ମାରିଥିବା ବେଳେ ସଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ଗ୍ରାମପଂାୟତ ଖଜୁରିଆ ଗ୍ରାମଠାରୁ ରଞ୍ଜାଗୋଳ ଗ୍ରାମକୁ ଯାଇଥିବା ରାସ୍ତାର ମଝିରେ ଏକ ବଡ଼ ଗାତ ଖୋଳି ଦେଇ ଠିକାଦାର ଛୁ ମାରିଥିବା ବେଳେ ସଧାରଣ ଲୋକ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ବେଳେ ବେଳେ ଛୋଟ ବଡ଼ ଦୁର୍ଘଟଣା ମାନ ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ବିଭାଗୀୟ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ଦେଉ ନଥିବା ଜଣା ପଡ଼ିଛି ।ତେବେ ଏଥିରେ ବଡ଼ ଧରଣର ପିସି କାରବାର ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଚ୍ଛର୍ନ ହାତ ଥିବାରୁ ପୂର୍ବ କାର୍ଯ୍ୟମାନଙ୍କ ଭଳି ଏହା ଇତିହାସ ପାଲଟିଯିବ ବୋଲି ଜନସାଧାରଣ ଚର୍ଚ୍ଚା ହେବା ସହ ଏହାର ତଦନ୍ତ ଦାବି ହେଉଛି ।

## ଭାଙ୍ଗ ଦଦରା ଅବସ୍ଥାରେ ବ୍ୟାଙ୍କ ଲୋକଙ୍କ ଟଙ୍କା କେତେ ସୁରକ୍ଷିତ ?

ହାଟଡିହି, (ମହାଭାରତ) : ବ୍ୟାଙ୍କ ହେଉଛି ଲୋକଙ୍କ ପାଇଁ ସୁରକ୍ଷିତ ସ୍ଥାନ । ହେଲେ ଯେଉଁଠି ଭଙ୍ଗା ଦଦରା ଅବସ୍ଥା ରେ ଚାଲୁଛି ବ୍ୟାଙ୍କ ତେବେ ଲୋକଙ୍କ ଟଙ୍କା କେତେ ସୁରକ୍ଷିତ ଆପଣ କୁହନ୍ତୁ । ହଁ ଆଜ୍ଞା ଆମେ କହୁଛୁ ଏପରି ବ୍ୟାଙ୍କ ର କଥା ଯାହା ନିଜର ବାର୍ଦ୍ଧକ୍ୟ ଅବସ୍ଥା ରେ ଗତି ଗତି କରୁଥିବା ଭଳି ଜଣା ପଡୁଛି । ଲୋକ ଙ୍କୁ ଉପଯୁକ୍ତ ସେବା, ଖରା ଦିନେ ଥଣ୍ଡା ପବନ, ଉପଯୁକ୍ତ ବାତାବରଣ କୁ ନେଇ ବ୍ୟାଙ୍କ ଟି ଚାଲିଥାଏ । ଆପଣ ଦେଖୁଥିବା ଏହି ବ୍ୟାଙ୍କ ଟି ହାଟଡିହି ବ୍ଲକ ବଉଳା ଶାଖା ରେ ଅବସ୍ଥିତ । ଏଠାରେ କେଉଁଠି ଟଙ୍କା ଭ୍ର ଗୁଡ଼ିକ ରଶି ରେ ବାନ୍ଧି ରଖିବାକୁ ପଡୁଛି ତ କବାଟରେ ଲାଗିଥିବା ଯାଲି କଳଙ୍କି ଲାଗିଲାଣି । କେଉଁଠି ପ୍ଲାଏ ଖସି ପଡିଲାଣି ତ ଆଉ କେଉଁଠି ଲୋକଙ୍କୁ ବସିବାକୁ ଟିକେ ଭଲ ଚେୟାର ନାହିଁ । ଏହାରି ମଧ ରେ ଲୋକଙ୍କ ଆର୍ଥିକ କାରବାର ସହ ସରକାରୀ ଅନୁଦାନ ବ୍ୟାଙ୍କ ଜରିଆରେ ହେବ ବୋଲି ନିର୍ଦ୍ଦେଶ ରହିଛି । ସେଥିରୁ ମଧ ବ୍ୟାଙ୍କ ସୁଧ ପାଉଛି , ତାହା ଛଡା ପ୍ରତିବର୍ଷ ଅଫିସ ମରାମତି ନିମନ୍ତେ ହୋଇଥିବା ବଜେଟ ରେ ନିଜ ଅଫିସ ର ସୁ ବ୍ୟବସ୍ଥା ପାଇଁ ଟଙ୍କା ଖର୍ଚ୍ଚ ର ପ୍ରାବିଧାନ ରହିଛି । ଯାହାକୁ ନେଇ ବ୍ୟାଙ୍କ ମ୍ୟାନେଜର ମଧ ନିଜର କାର୍ଯ୍ୟ ପାଇଁ ତୁଲାଇ ଦେଇ ଘରକୁ ଫେରି ଯାଉଥିବା ସ୍ଥଳେ , ସାଧାରଣ ଲୋକ ଏପରି ଅବସ୍ଥା ଦେଖି ଭାବିଲାଣି ଯେ ଏମିତି ବ୍ୟାଙ୍କ ରେ ଆମ ଟଙ୍କା ସଠିକ୍ ଓ ସୁରକ୍ଷିତ ଭାବେ ରହିବ ? ଯାହାର ସୁରକ୍ଷା ଦୃଷ୍ଟି ରୁ ସେଠାକାର କିଛି ବୁଦ୍ଧି ଜିବି କୁହନ୍ତି ଯେ ବ୍ୟାଙ୍କ ର ଉନ୍ନତି କରଣ ବ୍ୟାଙ୍କ କରିବା ପାଇଁ ନିୟମ ରହିଛି । ଯଦି ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ର ଉ□ମ ଭି□ ପ୍ରସ୍ତର ସହ ଲୋକଙ୍କ ଟଙ୍କା ସୁରକ୍ଷିତ ରହିବା ଭଳି ବ୍ୟବସ୍ଥା ନହୁଏ ତାହାଲେ ଆମେ ପ୍ରାଇଭେଟ୍ ବ୍ୟାଙ୍କ ରେ ଟଙ୍କା ରଖିବା ଭଲ ହେବ ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ରବି ଫସଲ ପାଇଁ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ନିଷ୍ପତି କ୍ରମେ ଆସନ୍ତା ମେ ୨୦ ତାରିଖରୁ ଜିଲ୍ଲାର ୧୪୫ ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିପାଇଁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮, ୮୧୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିଛନ୍ତି । ୬୪ ଟି ପେକ୍ସ ଏବଂ ୨୫ ଟି ସ୍ୱୟଂ ସହାୟକ ଗୋଷ୍ଠୀ ର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟା କୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ୮୮ ଗୋଟି ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ କରାଯାଇଅଛି । ମିଲର୍ସ ଚାଷୀଙ୍କୁ ଆବଶ୍ୟକ ଗନିବ୍ୟାଗ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । କମନ ଏଫ.ଏ.କ୍ୟୁ. ଧାନ କ୍ୱି[ାଲ ପିଛା ଟ. ୨,୩୦୦ ଏବଂ ଗ୍ରେଡ ଏ ଏଫ.ଏ.କ୍ୟୁ. ଧାନ କ୍ୱି[ାଲ ପିଛା ଟ. ୨,୩୨୦ ସହିତ ଏମ.ଏସ.ପି. ୮୦୦ ଟଙ୍କା ସର୍ବମୋଟ କ୍ୱି[ାଲ ପିଛା ଚାଷୀ ୩,୧୦୦, ୩,୧୨୦ ଟଙ୍କା ଚାଷୀ ପାଇବେ । ୮୮ ଟି ମିଲର୍ସ ଙ୍କ ମଧ୍ୟରୁ ଉଷୁନା ଚାଉଳ ପାଇଁ ୭୦ ଥିବାବେଳେ ଅରୁଆ ଚାଉଳ ପାଇଁ ୧୮ ଟି ଅଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓ.ଆର.ଏସ. ପ୍ୟାକେଟ, ଜରୁରୀକାଳୀନ ସେବା ଆବଶ୍ୟକ ସ୍ଥଳେ କୁଳର ର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚାଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଠିକ ସମୟରେ ମଣ୍ଡିରୁ ଚାଷୀଙ୍କ ଧାନ ଉଠାଣ କରିବା ପାଇଁ ସମସ୍ତ ମିଲର୍ସ ଅଧିକ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପରିଷଦ ସଭାପତୀ ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଅନିଲ କୁମାର ନନ୍ଦ, ବିଧାୟକ ସଦର ଙ୍କ ପ୍ରତିନିଧି ଧନୁର୍ଯ୍ୟ ଗହିର, ଉପଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମାଳୟ କୁମାର ପରିଡା, ଡି. ଆର. ସି. ଏସ. ପ୍ରମୋଦ କୁମାର ସାହୁ, ଜିଲ୍ଲା କୃଷକ ସଂଗଠନର ପ୍ରତିନିଧି, ଭାରତ ଖାଦ୍ୟ ଯୋଗାଣ ନିଗମ ଅଧିକାରୀ, ସମସ୍ତ ମିଲର୍ସ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ କାର୍ଡ ଇକେଓ୍ୱାଇସି: ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି ଜନସେବା କେନ୍ଦ୍ର

ନୟାଗଡ଼, (ମହାଭାରତ) : ନୟାଗଡ଼ରେ ଆୟୁଷ୍ମାନ କାର୍ଡ ଇକେଓ୍ୱାଇସି ବେଳେ ଟଙ୍କା ଆଦାୟକୁ ନେଇ ଜନ ଅସନ୍ତୋଷ । ଜନସେବା କେନ୍ଦ୍ରର କର୍ମଚାରୀ ମାନେ ଆୟୁଷ୍ମାନ କାର୍ଡ ବ[ନ ପାଇଁ ଇକେଓ୍ୱାଇସି ନେବା ପାଇଁ ହିତାଧୀକାରୀଙ୍କ ଠାରୁ ୫୦ ଟଙ୍କାରୁ ଆରମ୍ଭ କରି ଶହେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି । ନୟାଗଡ଼ ସଦର ବ୍ଲକ ଖେଡ଼ବାରଣା ଗାଁରେ ଆୟୁଷ୍ମାନ କାର୍ଡ ବ[ନ ପାଇଁ ଇକେଓ୍ୱାଇସି ଦେବା ପାଇଁ ପ୍ରତି ହିତାଧୀକାରୀଙ୍କ ଠାରୁ ୫୦ ଟଙ୍କା ଜନସେବା କେନ୍ଦ୍ରର କର୍ମଚାରୀ ଆଦାୟ କରୁଥିବା ଭିଡିଓ ଭାଇରାଲ ହୋଇଛି । ସେପଟେ ଓଡ଼ଗାଁ ବ୍ଲକ ରାବରା ଗାଁରେ ମଧ ଆୟୁଷ୍ମାନ କାର୍ଡ ବ[ନ ପାଇଁ ଇକେଓ୍ୱାଇସି ଦେବା ପାଇଁ ପ୍ରତି ହିତାଧୀକାରୀଙ୍କ ଠାରୁ ୫୦ ଟଙ୍କା ଜନସେବା କେନ୍ଦ୍ର କର୍ମଚାରୀ ଆଦାୟ କରୁଥିବା ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି । ଆୟୁଷ୍ମାନ କାର୍ଡ ବ[ନକୁ ନେଇ ରାଜ୍ୟ ସରକାର ଜନସେବା କେନ୍ଦ୍ର ମାଧ୍ୟମରେ ଲୋକ ଙ୍କ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଛି । ସେପଟେ ସବୁ ଦାୟିତ୍ୱ ଜନସେବା କେନ୍ଦ୍ର ଉପରେ ନ୍ୟସ୍ତ କରିଥିଲେ ମଧ ସେମାନଙ୍କୁ ପାରିଶ୍ରମିକ ମିଳୁନଥିବା ନେଇ ଓଡ଼ଗାଁ ବ୍ଲକ୍ ସମସ୍ତ ଜନସେବା କେନ୍ଦ୍ର କର୍ମଚାରୀ ଅଭିଯୋଗ କରିଛନ୍ତି । ସରକାର ଆମ ପେଟପାଟଣା କଥା ବିଚାର କରନ୍ତୁ ନଚେତ୍ ଆମେ କାମ ବନ୍ଦ କରିବାକୁ ନିଷ୍ପ□ ନେବୁ ବୋଲି କହିଛନ୍ତି ଜନସେବା କେନ୍ଦ୍ର କର୍ମଚାରୀ । ସରକାରଙ୍କ ଆୟୁଷ୍ମାନ କାର୍ଡ ଇକେଓ୍ୱାଇସି କରିବାକୁ ଜନସେବା କେନ୍ଦ୍ରକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଇକେଓ୍ୱାଇସି କରିବା ସମୟରେ କୌଣସି ବ୍ୟକ୍ତିଙ୍କ ଠାରୁ ଅର୍ଥ ଆଦାୟ ନକରିବାକୁ ଚରମ ବାଣୀ ଶୁଣାଇଛନ୍ତି ରାଜ୍ୟ ସରକାର । ହେଲେ ଇକେଓ୍ୱାଇସି କରିବାକୁ ଜଣକ ପିଛା ୧୫ ରୁ ୨୦ ମିନିଟ ସମୟ ଲାଗୁଥିବା କହିଛନ୍ତି ଜନସେବା କେନ୍ଦ୍ର କର୍ମଚାରୀ । ସରକାର ସମସ୍ତ ଜନସେବା କେନ୍ଦ୍ର କଥା ବିଚାର କରି ଗୋଟିଏ କାର୍ଡ ପିଛା ୩୦ ରୁ ୪୦ ଟଙ୍କା ପ୍ରଦାନ କରନ୍ତୁ ବୋଲି କହିଛନ୍ତି । ନଚେତ୍ ସମସ୍ତ ଜନସେବା କେନ୍ଦ୍ର କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପ□ ନେଇଥିବା ସଂଘ ପକ୍ଷରୁ କୁହାଯାଇଛି । ସେପଟେ ଜିଲ୍ଲାପାଳ କହିଛନ୍ତି ଅଭିଯୋଗ ମିଳିଛି ଖୁବ୍ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ବହୁ ଚର୍ଚ୍ଚିତ ବହଳଦା ଷ୍ଟେଟ ବ୍ୟାଙ୍କରଜ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଘଟଣାର ପର୍ଦ୍ଦାଫାଶ



ରାଇରଙ୍ଗପୁର, (ମହାଭାରତ) :ମୟୂରଭଞ୍ଜ ଜିଲ୍ଲାର୍ ହଳଦା ବ୍ଲକର ବହଳଦା ମୁଖ୍ୟ ବଜାରରେ ୨୦ ଫେବୃଆରୀ୨୦୨୫ ତାରିଖ ଦିନ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଦିନ ୧୦ .୧୫ଟା ବେଳେ ୫ ଜଣ ହେଲମେଟ ଓ ମାସ୍କ ପିନ୍ଧା ଅଜ୍ଞାତ ବ୍ୟକ୍ତି ପିସ୍ତଲ ଓ ଛୁରା ଧରି ବ୍ୟାଙ୍କ ଭିତରେ ପଶି ପି ମ୍ୟାନେଜର ଓ ୨ ଜଣ କର୍ମଚାରୀଙ୍କୁ ମାଡ ମାରିବା ସହ ୧୮ ଜଣ ଗ୍ରାହକଙ୍କୁ ଷ୍ଟ୍ରଙ୍ଗ ରୁମରେ ପୁରାଇଥିଲେ । ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା,ସିସି କେମେରାର ଡିଭିଆର ଲୁଟ୍ କରିବା ଏବଂ ସାଇନ୍ କୁ ଖରାପ କରିଦେଇ ମୁଖ୍ୟ ଗ୍ରୀଲ ରେ ତାଲା ମାରି ମଟର ସାଇକେଲ ଯୋଗେ ଝାଡ଼ଖଣ୍ଡ ଆଡ଼କୁ ପଳାଇଥିଲେ । ଦୁବୃ□ ମାନେ ଦୃତଗତିରେ ଖସି ପଳାଉଥିବା ବେଳେ ତିରିଂ ଥାନା ଅନ୍ତର୍ଗତ୍ୱଡ ନାରାୟଣିପୁର ହମ୍ପସ ରେ ଗୋଟେ ଛୁରୀ ଏବଂ ଚଷମା ଖସି ପଡ଼ିଯିବା ଦୁବୃ□ ଖସି ପଡିଥିଲା ଓ ତରବରରେ ଲୋକଙ୍କୁ ଦେଖି ଭୟଭୀତ ହୋଇ ପୁଣି ମଟର ସାଇକେଲରେ ଝାଡ଼ଖଣ୍ଡ ରାଜ୍ୟ ଆଡ଼କୁ ପଳାଇ ଯାଇଥିଲା । ସିମାନ୍ତ ଝାଡ଼ଖଣ୍ଡ ମାତ୍ର ୧୩ କିମି ଦୂର । ଘଟଣାକୁ ନେଇ ମୟୁରଭଞ୍ଜ ପୋଲିସର ନିଦ ହଜି ଯାଇଥିଲା ।ପୋଲିସ ଘଟଣାକୁ ନେଇ ଏକ ମାମଲା କେଶ ନମ୍ବର ୨୮/୨୫ ରୁଜୁ କରି ତଦନ୍ତ ଜାରି ରଖିଥିଲା ।ଏହା ପୂର୍ବରୁ ୨୭/୧୨/୨୦୨୩ ରେ ସକାଳ ୧୦ ଟା ସମୟରେ ବାରିପଦାର ମାନାପୁରୁମ ଅଫିସରେ ପଶି ପିସ୍ତଲ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରାଉଥିବା ବେଳେ ? ସାଇରନର ବାଜିବାରୁ ଖସି ପଳାଇଥିଲେ । ଏହାକୁ ନେଇ ବାରିପଦା ଥାନାରେ ଏକ ମାମଲା କେଶ ନମ୍ବର ୭୯୭/୨୩ ରୁଜୁ ହୋଇଥିଲା । ଘଟଣାକୁ ନେଇ ମୟୁରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁ[ପାଲୀ ସହଜରେ ହଜମ କରି ନ ଥିଲେ । ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ । ଏହାକୁ ନେଇ ତାଙ୍କ ନିର୍ଦ୍ଦେଶରେ ୩ ଟି ତଦନ୍ତ ଦଳ ଗଠନ କରି ଜୋରଦାର ଘଟଣାକୁ ଛାନଭିନ୍ କରିଥିଲେ । ପଡୋଶୀ ଝାଡଖଣ୍ଡ ରାଜ୍ୟ ଜାମସେଦପୁର ଥାନା ଅଂଚଳରେ ସିସିଟିଭି ଯାଂ କରିବା ସହ ଜେଲରେ କଏଦୀ ମାନଙ୍କ ଉପରେ ତିକ୍ଷଣ ନଜର କରିଥିଲେ । ମାନାପୁରମ ସିସି କେମେରାରେ ଥିବା ଦୁଇ ଜଣଙ୍କ ଫଟୋ ଜେଲରେ ଅପରାଧି ଙ୍କ ରେକର୍ଡ ରେ ଫଟୋ ସାମଞ୍ଜସ୍ୟ ଥିବାରୁ ପୋଲିସକୁ ଅଧିକ ଖୁରାକ୍ ମିଳିଥିଲା । ସେହି ଦୁଇଟି ଫଟୋକୁ ବଡନାରାୟଣିପୁର ଗ୍ରାମବାସିଙ୍କୁ ପୋଲିସ ଦେଖାଇବାରେ ସେମାନେ ମଟର ସାଇକେଲରୁ ଖସି ପଡ଼ିଥିବା ବ୍ୟକ୍ତିଙ୍କୁ ଚିହ୍ନି ପାରିଥିଲେ । ଛୁରୀ ଆଉ ଚୁମାକୁ ଲୋକ ମଧ ଦେଖିଥିଲେ ଯାହାକି ତଦନ୍ତ ପ୍ରକ୍ରିୟାର ସହଯୋଗ ପାଇଁ ବଳିଷ୍ଠ ପ୍ରମାଣ ଦେଇଥିଲା । ପୋଲିସକୁ ଆଉ ଏକ କଦମ ଆଗେଇବା ପାଇଁ ଖୁରାକ୍ ମିଳିଗଲା । ପୋଲିସ ଜାମସେଦପୁର ଜେଲରୁ ଜେଲରେ ବାହାରିଥିବା ଦୁଇ ଜଣଙ୍କ ଫଟୋରୁ ତାଙ୍କ ଠିକଣାରୁ ଜାଣିବାକୁ ପାଇଲା ଯେ ସେମାନେ ବିହାର ରାଜ୍ୟର ପାଟନା ଅଂଚଳର ସହିଦପୁର ଥାନା ଅନ୍ତର୍ଗତ,ଆତନାମ ଗ୍ରାମର ପପୁ ଓରଫ୍ ରାଜୀବ ରଞ୍ଜନ ଯାଦବ (୫୨) ଏବଂ ବିହାର ରାଜ୍ୟର ଜାହାନାବାଦ ଜିଲ୍ଲାର ଘାସି ଥାନା ଅନ୍ତର୍ଗତ ସାହୋବିନ୍ଦା ଗ୍ରାମର ସନ୍ତୋଷ ଓରଫ ପ୍ରମୋଦ ବନ୍ଦି (୩୩) ବୋଲି ସୁରାକ ପାଇଥଲା । ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ରେ ରାଇରଙ୍ଗପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଯେନା, ଏସଡିପିଓ ଗୋକୁଳାନନ୍ଦ ସାହୁ, ବହଳଦା ଥାନାଧିକାରୀ ଭାସ୍କର ପ୍ରଧାନ, ବାରିପଦା ଟାଉନଥାନା ଏସ ଆଇ ରାକେଶ ସୂତାର, ବାରିପଦାର ସାଇବର ଏକ୍ସପାର୍ଟ ଭକ୍ତ ବସ୍ତଳ ବେହେରା ପ୍ରମୁଖ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଟିମ୍ ସୁଦୂର ବିହାରର ପାଟନା ଅଂଚଳକୁ ଯାଇ ବିହାର ପୋଲିସ ସହାୟତାରେଏକ ଭଡାଘରେ ରହୁଥିବା ଆସାମୀ ଦୁଇ ଜଣଙ୍କୁ ଅତର୍କିତ ଭାବେ ମାଡ଼ି ବସିଥିଲେ । ସେଠାରୁ ସେମାନଙ୍କୁ ଆଣି ବାରିପଦା ନେଇ ଯାଇଥିଲେ । ପୋଲିସ ତଦନ୍ତ ରିପୋର୍ଟ ରୁ ସେମାନଙ୍କ ପ୍ରାକ୍ ଇତିହାସ ଜାଣିବାକୁ ପାଇଥିଲେ ଯେ ଦୂର୍ଦାନ୍ତ ରାଜୁର ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଅଂଚଳରେ ୧୩ ରୁ ଉର୍ଦ୍ଧ୍ୱ ମାମଲା ରହିଥିବାବେଳେ ସନ୍ତୋଷର ୨ ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ବାରିପଦାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଅରୁଣ ବ[ପାଲ୍ଲୀ ଘଟଣାର ପର୍ଦ୍ଦାଫାଶ କରିବା ସହ ଆସାମୀ ୨ ଜଣଙ୍କୁ କୋର୍ଟ ଚାଲାଣ କରିଥିଲେ । ତଦସହ ଘଟଣାର ଅନ୍ୟ ୩ ଜଣ ଫେରାର ଆସାମୀକୁ ଧରିବା ପାଇଁ ମୟୂରଭଞ୍ଜ ପୋଲିସ ଜାଲ ବିଛାଇଛି ।

## ବିପଦ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର, ଚିରନିଦ୍ରା ରେ ବିଦ୍ୟୁତ ବିଭାଗ



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ବିଦ୍ୟୁତ ବିଭାଗ ଅଧୀନରେ ମାଣ୍ଡୁକି ଛକ ଏବଂ କଳଘର ଠାରେ ଥିବାଦୁଇଟି ଅସୁରକ୍ଷିତ ମୁକୁଳା ଟ୍ରାନ୍ସଫର୍ମର ସବଷ୍ଟେସନ ବର୍ତ୍ତମାନ ବିପଦ କୁ ନିମନ୍ତ୍ରଣ କରୁଚି। ଗୋଟିଏ ର ଫିୟୁଜ ଷ୍ଟାଣ୍ଡ ଲୁହା ଆଙ୍ଗଲ ଲୁଣିଖାଇ ଭାଙ୍ଗି ଓହଳିଥିଲା ବେଳେ ଆଉ ଗୋଟେ ମୁକୁଳା ପଡ଼ିଥିବା ବେଳେ ତାର ଫିୟୁଜ ଷ୍ଟାଣ୍ଡଟି ତଳୁଆ ଥିବାରୁ ମଣିଷ ହେଉ କି ପଶୁ କେତେବେଳେ ଯେ ବିପଦ ରେ ନପଡ଼ିବେ ତାହା କହିବା ମୁସ୍କିଲ। ତେଣୁ ଏହାର ସଂସମ୍ପର୍ଷରେ ଆସି କୌଣସି ଦୁର୍ଘଟଣା ନ ଘଟୁ କି କୌଣସି ଧନ ଜୀବନ ହାନି ନ ଘଟୁ ସେଥିପାଇଁ ବିଦ୍ୟୁତ ବିଭାଗ ଟ୍ରାନ୍ସଫର୍ମର ଚ଼ରିପଟେ ପାଚେରି ର୍ନିମାଣ କରିବା ସହିତ ଲୁଣି ଖାଇଯାଇଥିବା ଲୁହା ଆଙ୍ଗଲ କୁ ତୁରନ୍ତ ବଦଳେଇବା ନିହାତି ଜରୁରୀ । ଟ୍ରାନ୍ସଫର୍ମର ଟି ମୁଖ୍ୟ ଛକ କଡରେ ଥିବା ଏବଂ ନିକଟରେ ଦୁଇ ଦୁଇଟି ସ୍କୁଲ ଥିବାରୁ ସେହି ବାଟ ଦେଇ ଛୋଟ ଛୋଟ ସ୍କୁଲ ପିଲା, ବାଟୋଇ ,ବ୍ୟବସାୟୀ, ସାଧାରଣ ଜନତା ଏହିବାଟ ଦେଇ ଯିବା ଆସିବା କରୁଥିବାରୁ ଟ୍ରାନ୍ସଫର୍ମର ଚ଼ରିପଟେ ପାଚେରୀ କିମ୍ୱା ତାର ବାଡ଼ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତି। ନଚେତ ଆଗାମୀ ଦିନ ରେ ଆଗାମୀ ଦିନରେ ସମ୍ପୂର୍ଣ ଗାଁ ବିଦ୍ୟୁତ ଦେୟ ବନ୍ଦ କରିବେ ବୋଲି ଗଣମାଧ୍ୟମକୁ ଜଣେଇଛନ୍ତି।

## ୟୁଏଏସ୍ ପ୍ରଚଳନ କରାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘର ଦାବିପତ୍ର

କୁନ୍ଦୁରା(ମହାଭାରତ):କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ଆଜି କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଜରିଆରେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର ରେ ଉଲ୍ଲେଖ ରହିଛି କି - ବର୍ତମାନ ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି, ଯାହାକୁ ସୁଦୃଢ଼ କରିବାକୁ ଶିକ୍ଷା ବିଭାଗ ପ୍ରୟାସ ଜାରିରଖିଛନ୍ତି। ଏଥିରେ ମୂଳ ଭିତ୍ତିଭୂମି କୁ ସୁଦୃଢ଼ ନକରି ଶିକ୍ଷକ ମାନଙ୍କ ଉପରେ ଅଣଶିକ୍ଷାଦାନ ବ୍ୟବସ୍ଥା ଲଦି ଦିଆଯାଉଛି ଯୋଦ୍ୱାରା ଗୁଣାତ୍ମକ ଶିକ୍ଷାର ମାନ ନଷ୍ଟ ହୋଇଯାଉଛି । ଅଧିକାଂଶ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ତୁଳନାରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସଂଖ୍ୟା ବହୁତ କମ୍ ରହିଛି, ଜଣେ ଲେଖାଏଁ ଶିକ୍ଷକ ରେ ୪୦ ଭାଗ ରୁ ଅଧିକା ବିଦ୍ୟାଳୟ ନାମକୁ ମାତ୍ର ଚ଼ଲିଛି । ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ କୌଣସି ବ୍ୟବସ୍ଥା ହୋଇପାରୁନାହିଁ । ଏହିସବୁ ଅବ୍ୟବସ୍ଥା ଘେରରେ ଶିକ୍ଷାଦାନ ଚ଼ଲୁରହିଥିବା ବେଳେ



ବର୍ତମାନ ୟୁନିଫଏଡ଼ଓଟୋମେସନ୍ ସିଷ୍ଟମ ( ୟୁଏଏସ୍) କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଆସିବା ଦୁର୍ଭାଗ୍ୟ ଜନକ ବୋଲି ଉଲ୍ଲେଖ ରହିଛି । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଶ୍ରେଣୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ସମ୍ପୂର୍ଣ ଭାବେ ଏହି କାର୍ଯ୍ୟ ରେ ଦିନ ତମାମ ବ୍ୟସ୍ତ ରହିବେ ତେବେ ଶିକ୍ଷାଦାନ କେଉଁଭଳି ଭାବେ ଉଉତି ହେବ ତାହା ଚିନ୍ତାର ବିଷୟ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ମୋବାଇଲ ଫୋନ ଓ ଆବଶ୍ୟକୀୟ ଡାଟା ଯୋଗାଇ ଦିଅନଗଲେ କାର୍ଯ୍ୟ ତ୍ୱରାନ୍ୱିତ ହେବା କଷ୍ଟକର । ଏଥିସହ ପ୍ରତେକ ସ୍ଥାନରେ ନେଟଓ୍ୱାର୍କ ସମସ୍ୟା ଡାହୁଥିବା ଉଲ୍ଲେଖ ରହିଛି । ବହୁ ଦିନର ନ୍ୟାର୍ଯ୍ୟଦାବୀ ଗ୍ରେଡ଼ ପେ ( ୪୨୦୦/-), ପୁରୁଣା ପେନସନ ପ୍ରଚଳନ, ଏକ୍ସ କ୍ୟାଡର ଙ୍କୁ କ୍ୟାଡର ଭୁକ୍ତ କରିବା, ସ୍ୱାସ୍ଥ୍ୟ ବୀମା, ପଦନ୍ନତି ସଂସଧନ ଏବଂ ବଦଳୀ ନିୟମକୁ ପରିବର୍ତନ କରିବା ଆଦି କୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ଉଲ୍ଲେଖ ରହିଛି । ଅନ୍ୟ ରାଜ୍ୟ ଗୁଡ଼ିକରେ ଶିକ୍ଷକ ଙ୍କ ମୌଳିକ ଆବଶ୍ୟକତା କୁ ପୂରଣ କରିବା ସହ ଶିକ୍ଷାଦାନ ର ବ୍ୟବସ୍ଥା ସମ୍ପୂର୍ଣ ସୁଦୃଢ଼ ରହିଛି କିନ୍ତୁ ଆମ ରାଜ୍ୟରେ ଏସବୁ କୁ ଅଣଦେଖା କରାଯାଇ ବର୍ତମାନ ଏକ ନୂଆଁ ସିଷ୍ଟମ ଲାଗୁ କରିବାକୁ ଯାଉଛନ୍ତି ଯାହାକୁ ଆମେ ପ୍ରତ୍ୟାଖାନ କରିବା ସହ ଏହି ନିଷ୍ପତି କୁ ପ୍ରତ୍ୟାହାର କରିବା ପାଇଁ ସଙ୍ଘ ତରଫରୁ ଦାବୀ ହୋଇଥିବା ସହ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ କରିବା ପାଇଁ ନିବେଦନ କରିଛନ୍ତି ।

## ଘରଭିତରୁ ନବ ବଧୂର ଝୁଲାନ୍ତ ମୃତ ଦେହ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଭାପୁର, ( ମହାଭାରତ ) : ଘରଭିତରୁ ନବ ବଧୂର ଝୁଲାନ୍ତ ମୃତ ଦେହ ଉଦ୍ଧାର। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ। ବିବାହକୁ ବର୍ଷେ ନପୁରୁଣୁ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଲା ନବ ବଧୂର ମୃତ ଦେହ। ଅଧିକ ଯୌତୁକ ପାଇଁ ଝିଅକୁ ହତ୍ୟା କରଯାଇଥିବା ଅଭିଯୋଗ ଆଣିଲେ ଝିଅର ପରିବାର ଲୋକ। ଝିଅର ତଣ୍ଟିଚିପି ମାରି ଘରଭିତର ଫ୍ୟାନରେ ଲୁଗା ଦ୍ୱାରା ଟାଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ଝିଅ ର ବାପା। ପୁଅ ଘର ଲୋକେ କିନ୍ତୁ ବୋହୂ ଆତ୍ମହତ୍ୟା କରିଥିବା କହୁଛନ୍ତି। ଏଭଳି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କେନ୍ଦୁପଲ୍ଲୀ ଗ୍ରାମରେ। ପୁଲିସ ଠାରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ବାଘୁଆପଲ୍ଲୀ ପଞ୍ଚାୟତ ଓଳାସ ଗ୍ରାମର ପବିତ୍ର ମୋହନ ବାରିକଙ୍କ ଝିଅ ପ୍ରିୟଦର୍ଶନୀ ବାରିକ କେନ୍ଦୁପଲ୍ଲୀ ଗ୍ରାମର କୈଳାସ ବସନ୍ତରାଙ୍କ ପୁଅ ସୁବାସ ଚନ୍ଦ୍ର ବସନ୍ତରାକୁ ବିବାହ କରିଥିଲେ। ବିବାହ ସମୟରେ ପୁଅ ଘରର ଦାବି ମୁତାବକ ଯୌତୁକ ଦେଇଥିଲେ ବି ଏକ ସୁନା ଚେନ୍ ପାଇଁ ପୁଅ ଘର ଲୋକେ ଝିଅଘର ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏନେଇ ସ୍ୱାମୀ-ସ୍ତ୍ରୀ ଙ୍କ ମଧ୍ୟରେ ବିଭିଭ ସମୟରେ ପାଟିତୁଣ୍ଡ ହେବା ସହିତ ବୋହୂ ପ୍ରିୟଦର୍ଶନୀକୁ ମାନସିକ ଓ ଶାରୀରିକ ର୍ନିଯାତନା ଦିଆଯାଉଥିବା ଝିଅ ପରିବାର ଲୋକଙ୍କୁ ଜଣାଇଥିଲେ। ଗତକାଲି ଝିଅ ପଙ୍ଖାରେ ଲୁଗା ବାନ୍ଧି ଝୁଲି ପଡ଼ିଥିବା ବାପା ଖବର ପାଇବା ପରେ ତୁରନ୍ତ ଝିଅ ଘରେ ଆସି ପହଞ୍ଚିଥିଲେ। ଏନେଇ ଝିଅର ବାପା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଫତେଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏପଟେ ସ୍ୱାମୀକୁ ଅଟକ ରଖି ତଦନ୍ତ କରୁଛି ପୁଲିସ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁଇ ବାଇକ୍ ଧକ୍କା ପରେ ମାଡ଼ିଗଲା ଅଜଣା ଟ୍ରକ୍ ୩ ମୃତ୍ୟୁ ୩ ଆହତ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସହର ର ଫ୍ଲାଏ ଓଭର ଅପ୍ରୋଚ ରୋଡ ନିକଟରେ ସୋମବାର ରାତି ପ୍ରାୟ ୯ ଘଟିକାୟରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଟି ବାଇକ୍ ରେ ବସିଥିବା ୬ ଜଣ ଙ୍କ ମଧ୍ୟରୁ ୩ ଜଣ ଜଣ ଙ୍କ ମୃତ୍ୟୁ ଘଟି ଥିବା ବେଳେ ୩ ଜଣ ଆହତ ହୋଇଥିଲେ। ସେମାନଙ୍କୁ ଯୋଡା ସ୍ଥିତ ଟାଟା ଷ୍ଟିଲ ଡାକ୍ତର ଖାନୟ ରେ ଭର୍ତ୍ତି କରାଯାଇ ଥିଲା। ତେବେ ୩ ଜଣ ଙ୍କ ମଧ୍ୟରୁ ଜଣେ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତର ଖାନୟ କୁ ସ୍ଥାନାନ୍ତର କରାଯାଇଛି ।ଘଟଣାସ୍ଥଳ ରୁ ଜଣାପଡି ଥିଲା ଯେ,ଦୁଇଟି ବାଇକ ନଂ ଓ ଡି ୦୯ ୫୭୮୯ ଓ ଓ ଡି ୦୯ ଜି ୭୬୨୦ ରେ ୩ଜଣ ଲେଖାଏଁ ବସି ଯୋଡା ରୁ ବଡ଼ବିଲ ଅଭିମୁଖେ ଯାଉଥିଲେ ୟଯୋଡା ଫ୍ଲାଏ ଓଭର ର ଅୟପ୍ରୋଚ୍ ରୋଡ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚ଼ଲି ଯାଇଥିଲା ।ମିଳିଥିବା ସୂଚନା ଅନୁଯାୟୀ ମୃତ ତିନି ଜଣ ହେଲେ ବାମେବୟରି ଥାନା ହେସାବେଡ଼। ଅଞ୍ଚଳ ର ବିଜୟ ମୁଣ୍ଡା (୨୬), ମୋହନ ମୁଣ୍ଡା (୪୫) ଓ ମାସି ନାଗ (୨୩)ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଆହତ ବ୍ୟକ୍ତି ମାନେ ବାମେବାରି ଥାନା ଅଞ୍ଚଳ ର ବୋଲି ଜଣାପଡିଛି ।ତେବେ ଘଟଣାସ୍ଥଳରେ ଯୋଡା ପୋଲିସ ପହଂଚି ଥିଲେ ହେଁ ଘଟଣାସ୍ଥଳରେ ଚପା ଉତ୍ତେଜନା ଦେଖା ଦେଇ ଥିଲା ।ସୂଚନା ଯୋଗ୍ୟ ଯେ,କିଛି ମାସ ପୂର୍ବରୁ ବିଦ୍ୟାଳୟ କୁ ଯିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅଭିଭାବକ ଙ୍କ ସମେତ ଦୁଇ ଛାତ୍ର ଙ୍କ ର ମୃତ୍ୟୁ ଘଟିଥିଲା ।ତେବେ ବିଳମ୍ବିତ ସୋମବାର ରାତିରେ ହୋଇଥିବା ଏହି ଦୁର୍ଘଟଣା ପରେ ଉତ୍ତେଜନା ରେ ଉତ୍ତେଜିତ ଲୋକ ଫ୍ଲାଏ ଓଭର ରେ ଲାଇଟ୍ ଜଳୁ ନ ଥିବା ଏବଂ ଗତି ନିୟନ୍ତ୍ରକ ନ ଥିବାରୁ ଏହିପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଥିଲେ ।ଘଟଣାସ୍ଥଳରେ ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଅୟ,ଯୋଡା ଆଇ ଆଇ ସି ସୁଶାନ୍ତ ପ୍ରଧାନ ପହଞ୍ଚି ଉତ୍ତେଜନା କୟରି ଙ୍କୁ ବୁଝାସୁଝା କରି ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲେ ।ସୂଚନାଯୋଗ୍ୟ ଯେ, ଏହି ସମାନ ସ୍ଥାନରେ ଅଭିଭାବକ ଓ ଦୁଇ ଛାତ୍ର ଙ୍କ ମୃତ୍ୟୁ ଘଟିବ। ପରେ ଗତ ତା ୫/୦୮/୨୦୨୪ ରିଖରେ ଚିଠି ସଂଖ୍ୟା ୨୭୩୪ ରେ ଉଲ୍ଲେଖ କରାଯାଇଛି ଯେ,ଏହି ଫ୍ଲାଏ ଓଭର ରେ ଗତି ନିରୀକ୍ଷଣ ଯନ୍ତ୍ର ଦ୍ୱାରା ପରିବହନ ବିଭାଗ ଜରିଆରେ ଜୋରିମାନା କରାଯିବ,ସର୍ଭିସ ରୋଡ ର୍ନିମାଣ କରାଯିବ,ଟ୍ରାଫିକ ପୋଲିସ ନିୟୋଜିତ ଏବଂ ଟ୍ରାଫିକ ପୋଷ୍ଟ ର୍ନିମାଣ କରାଯିବ,ଡିଏ ଭି ସ୍କୁଲ ନିକଟରେ କଂକ୍ରିଟ ର୍ନିମିତ ରୋଡ ଡିଭାଇଡର ଲଗାଯିବ,ସିସିଟିଭି କ୍ୟାମେରା ଲଗାଯିବ, ।ତେବେ କାଂଭୟ ସିସିଟିଭି କ୍ୟାମେରା ଯଦିଓ ଲଗାଯାଇଛି ।ଏହା କାମ କରୁ ନାହିଁ ।ଫ୍ଲାଏ ଓଭର ଉପରେ ଷ୍ଟ୍ରିଟ ଲାଇଟ୍ ମଧ୍ୟ ଜଳୁ ନାହିଁ ।ଚିଠି ଅନୁଯାୟୀ ଦିଆ ଯାଇଥିବା ପ୍ରତିଶୃତି ଅନେକ ଥିଲା ,ହେଲେ ପୂରଣ ହୋଇ ନାହିଁ ।

## ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଅଷ୍ଟମ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର; (ମହାଭାରତ):ଆଜି ପୂର୍ବାହ୍ନରେ ସମ୍ବଲପୁରର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅଷ୍ଟମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ମାନ୍ୟବର ବିଧାୟକ ରେଢାଖୋଲ ଶ୍ରୀ ପ୍ରସନ୍ତ ଆଚ଼ର୍ଯ୍ୟ , ମାନ୍ୟବର ବିଧାୟକ ରେଙ୍ଗାଲି ସୁଦର୍ଶନ ହରିପାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ କୁମୁଦିନି ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ),କେନ୍ଦ୍ରଶିକ୍ଷା ମନ୍ତ୍ରୀ,ଭାରତ ସରକାର ଧର୍ମେନ୍ଦ୍ର ପ୍ରଧାନ ଙ୍କ ଲୋକପ୍ରତିନିଧି ନାଉରି ନାଏକ, ଜିଲ୍ଲା ଉଉୟନ ଅଧିକାରୀ (ସିଡ଼ିଓ-କମ-ଇଓ) ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ କୃଷି ବିଭାଗର ବିହନ ଯୋଗାଣ ରାସାୟନିକ ସାର, ପିଏମ-କିସାନ ଉପରେ ଆଲୋଚନା ହେଲା । ମାନ୍ୟବର ମନ୍ତ୍ରୀ ସମନ୍ୱିତ ଚ଼ଷ ସମ୍ପର୍କରେ ଗୁରୁତ୍ୱ ଦେବା ପାଇଁ କହିଥିଲେ । ଜିଲ୍ଲାପାଳ ସମ୍ବଲପୁର ସମସ୍ତ ଅଧିକାରୀକୁ ଆଦେଶ ଦେଲେ କ୍ଷେତ୍ର ପରିଦର୍ଶନ କରିବା ଏବଂ ପରବର୍ତ୍ତୀ ବୈଠକରେ ପରିଦର୍ଶନର ଫଟୋ ଅଂଶୀଦାର କରିବା କହିଥିଲେ । ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ର ରାସନ କାର୍ଡ ବଣ୍ଟନ ଉପରେ ଆଲୋଚନା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଆୟୁଷ୍ମାନ କାର୍ଡ ବିଷୟ ରେ ଆଲୋଚନା, ଯଦି କୌଣସି ଘରୋଇ ହସ୍ପିଟାଲ/ ନର୍ସିଂହୋମରେ ହେଲ୍ଥକାର୍ଡର ଦୁରୁପଯୋଗ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନ୍ୟବର ମନ୍ତ୍ରୀ କହିଛନ୍ତି। ଜଳସେଚନ ବିଭାଗ ର ବିଭିନ୍ନ ପ୍ରକଳ୍ପ ବିଷୟ ରେ ଆଲୋଚନା ହେଲା । ଆବଶ୍ୟକସ୍ଥଳେ ଅଧିକ ନଳକୂପ ପ୍ରସ୍ତାବ ଦେବାକୁ ଜିଲ୍ଲାପାଳ ସମ୍ବଲପୁର ଜିଲ୍ଲାପାଳ ଓ ମାନ୍ୟବର ମନ୍ତ୍ରୀ କହିଛନ୍ତି। ଏଥିସହିତ ବିଶୁଦ୍ଧ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ନଳକୂପର ମରାମତି ଓ ଧୋଇବା ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ଆବଶ୍ୟକସ୍ଥଳେ ସ୍କୁଲର ପୁନରୁଦ୍ଧାର ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଖରାଦିନେ ନିରବଚ୍ଛିତ୍ର ବିଜୁଳି ଯୋଗାଣ ସମ୍ପର୍କରେ ଆଲୋଚନା ହେବା ସହ ବିଦ୍ୟୁ କାଟ ସମ୍ପର୍କରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗ୍ରୀଷ୍ମ ଋତୁରେ କୌଣସି ବିଜୁଳି କାଟ୍ ନ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏହି ବୈଠକରେ ସମସ୍ତ ଜିଲ୍ଲା ପରିଷଦ ଜୋନର ସଦସ୍ୟ/ସଦସ୍ୟା, ସମସ୍ତ ଲାଇନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଳିତ



ଦଶପଲ୍ଲା,(ମହାଭାରତ): ୧୮୦୨ ମସିହାରୁ ଚ଼ଲି ଆସୁଥିବା ୨୨୩ବର୍ଷ ଐତିହାସିକ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ଚଳିତ ବର୍ଷ ପ୍ରଥା ଅନୁଯାୟୀ ରାମ ନବମୀ ଠାରୁ ଆରମ୍ଭ ହୋଇଥିଲା । ଏହି ଐତିହାସିକ ଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ରାମଲୀଳାର ବିଭିନ୍ନ ପ୍ରସଙ୍ଗ କୁ ନେଇ ମୁଖ୍ୟ ଖୋଲା ମଞ୍ଚରେ ପରିବେଷଣ ହୋଇ ଆସୁଥିବା ବେଳେ ଆଜି ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଲଙ୍କାପୋଡି ଯାତ୍ରା (ରାବଣ ବଧ) ଅନୁଷ୍ଠିତ ହେଉଛି । ଅନ୍ୟପଟେ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ୩୫ଫୁଟ ଉଚ୍ଚ ବିଶିଷ୍ଟ କାଷ୍ଠ ର୍ନିମିତ ଚଳନକ୍ଷମ ରାବଣ ମୂର୍ତ୍ତି ସହିତ ପୁଷ୍ପକ ବିମାନ । ଅନ୍ୟପକ୍ଷରେ ଦେଖିବାକୁ ମିଳେ ରାବଣ ବଧ ପାଇଁ ରାମଚନ୍ଦ୍ର ପ୍ରେରଣ କରୁଥିବା ବ୍ରହ୍ମାସ୍ତ୍ର ହେଉଛି ଏହାର ମୁଖ୍ୟ ଆକର୍ଷଣ ।ଏହା ହେଉଛି ଭାରତ ବର୍ଷର ଅନନ୍ୟ ଘଟଣା। ଏଥି ସହିତ ଗାନ୍ଧୀ ପଡ଼ିଆ ଠାରେ ବାଣକାର ଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଯୋଗିତାମୂଳକ ଆତସବାଜି ମଧ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଲଙ୍କାପୋଡ଼ି ଯାତ୍ରାକୁ କିଭଳି ସରସ ସୁନ୍ଦର ଭାବେ ଶେଷ କରାଯିବ ସେଥିପାଇଁ ପୁଲିସ ପ୍ରଶାସନ ଏବଂ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଯାତ୍ରା କୁ ଅଧିକ ସରସ କରିବାକୁ ମୀନାବଜାର ଓ ବିଭିନ୍ନ ଦୋକାନ ଖୋଲାଯାଇଥିଲା। ହଜାର ହଜାର ଭକ୍ତ ଙ୍କ ସମାବେଶରେ ବିରାଟ ପଟୁଆରରେ ରାମ -ରାବଣ ଯୁଦ୍ଧ ମହାବୀର ମନ୍ଦିର ଠାରୁ ବାହାରି ଯାତ୍ରା ପଡ଼ିଆରେ ବ୍ରହ୍ମଶର ଦ୍ୱାରା ରାବଣ ନିପାତ ହୋଇଥିଲା। ପୋଲିସ ପ୍ରଶାସନ , ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗର ସହଯୋଗ ରେ ସମସ୍ତ କାର୍ଯ୍ୟ ସୁଋରୁ ରୂପେ ସମ୍ପାଦନା ହୋଇଥିଲା।

## ନିମ୍ନମାନର ଛତୁଆକୁ ନେଇ ମହିଳା ସଂଗଠନ ର ବିରୋଧ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ

ନବରଙ୍ଗପୁର ଜିଲ୍ଲା(ମହାଭାରତ)ରାଇଘର ବ୍ଲକ ସୀମାନ୍ତ ଆଦିବାସୀ ଅଧୁଷିତ ରାଇଘର ବ୍ଲକରେ ଗର୍ଭବତୀ ମହିଳା ଓ କୋମଳ ମତି ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଛତୁଆ ବଣ୍ଟନରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି । ବାରମ୍ୱାର ଅଭିଯୋଗ ହେବା ସତ୍ତ୍ୱେ ସମସ୍ୟାର କୌଣସି ସମାଧାନ ନ କରି ପ୍ରଶାସନ ଓ ସରକାର ନୀରବ ରହିବା ଚର୍ଚ୍ଚାର ବିଷୟ ପାଲଟିଛି । ଆଦିବାସୀ ଅଧୁଷିତ ରାଇଘର ବ୍ଲକ ଠାରେ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନରେ ଛତୁଆ ବଣ୍ଟନ ନିମନ୍ତେ ଗୋଟିଏ ଆଦର୍ଶ ସ୍ଂୟ ସହାୟକ ଗୋଷ୍ଠୀ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଗୁଡ଼ିକରେ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯଇଛି । ମୋଟ ୩୧୩ ଅଙ୍ଗନବାଡି କେନ୍ଦ୍ରକୁ ଗୋଟିଏ ମାତ୍ର ସ୍ଂୟ ସହାୟକ ଗୋଷ୍ଠୀ ଛତୁଆ ବଣ୍ଟନ କରୁଛନ୍ତି । ଗର୍ଭବତୀ, ପ୍ରସୂତି ଓ ଅପପୃଷ୍ଟିର ଶିକାର ହୋଇଥିବା ମହିଳା ଏବଂ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ର ବିକାଶ ପାଇଁ ସରକାର ଛତୁଆ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । କିନ୍ତୁ କ୍ରମାଗତ ବଣ୍ଟନ ବ୍ୟବସ୍ଥା ଓ ନିମ୍ନ ମାନର ସାମଗ୍ରୀ ସମସ୍ୟାକୁ ନେଇ ମହିଳା ସଂଗଠନ, ଲୋକ ପ୍ରତିନିଧିଗଣ ଅଭିଯୋଗ କରି ଆସୁଥିବା ବେଳେ ଅଭିଯୋଗ ଉପରେ କୌଣସି ତଦନ୍ତ ହେଉନି । ଆଜି ପୁଣି ଥରେ ରାଇଘର ମହିଳା ସଂଗଠନ ନିମ୍ନ ମାନର ଛତୁଆ ବଣ୍ଟନ, ଛଅ ମାସ ତଳେ ପ୍ରମାଣ ସହ ପୋକ ହୋଇଥିବା ଛତୁଆ ଓ ଲଡୁ ବଣ୍ଟନ ତଥ୍ୟ ଦେବା ପରେ ମଧ୍ୟ ତଦନ୍ତ ନ କରିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରି ଗୋଷ୍ଠୀ ଉନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ବ୍ଲକ ରେ ସଠିକ୍ ସମୟରେ ବଣ୍ଟନ ନ ହେବା ସହ ସଲା ସୂତରା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଭଳି ସଙ୍ଗୀନ ଅଭିଯୋଗ ହୋଇଛି । ଯଥା ଶୀଘ୍ର ସମସ୍ୟାର ତଦନ୍ତ କରାଯାଉ ନଚେ୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସଂଗଠନ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ବିନା ଟେଣ୍ଡର ରେ ବର୍ଷ ବର୍ଷ ଧରି ଗୋଟିଏ ଆଦର୍ଶ ସ୍ୱୟଂ ସହାୟକ ଯୋଗାଣକାରୀ ସଂସ୍ଥାକୁ ବଣ୍ଟନ ଅନୁମତି ଦେବା ପଛରେ ଅନେକ ଗୁମର ରହିଥିବା ଚର୍ଚ୍ଚା ଜୋର ଧରିଛି । ଯେଉଁ ଲକ୍ଷ୍ୟ ନେଇ ସରକାର ଛତୁଆ ବଣ୍ଟନ କରୁଛନ୍ତି ଉପଯୁକ୍ତ ଖାଦ୍ୟ ପ୍ରସ୍ତୁତ ଓ ତଦାରଖ ନ ହେବା ଯୋଗୁଁ ଶିଶୁ ଓ ମହିଳା ମାନଙ୍କ ମଧ୍ୟରେ ଅପପୃଷ୍ଟି ବଢ଼ି ଚ଼ଲିଛି ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ରବି ଫସଲ ପାଇଁ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ନିଷ୍ପତି କ୍ରମେ ଆସନ୍ତା ମେ ୨୦ ତାରିଖରୁ ଜିଲ୍ଲାର ୧୪୫ ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିପାଇଁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚ଼ଷୀ ଅନଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିଛନ୍ତି । ୬୪ ଟି ପେକ୍ସ ଏବଂ ୨୫ ଟି ସ୍ୱୟଂ ସହାୟକ ଗୋଷ୍ଠୀ ର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ପ୍ରକ୍ରିୟା କୁ ସୁଋରୁରୂପେ ସମ୍ପାଦନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ୮୮ ଗୋଟି ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ସମ୍ପୃକ୍ତ ମଣ୍ଡିରୁ ଚ଼ଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ର୍ନିଦ୍ଧାରିତ କରାଯାଇଅଛି । ମିଲର୍ସ ଚ଼ଷୀଙ୍କୁ ଆବଶ୍ୟକ ଗନିବ୍ୟାଗ ଯୋଗାଇ ଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । କମନ ଏଫ.ଏ.କ୍ୟୁ. ଧାନ କ୍ୱିଣ୍ଟାଲ ପିଛା ଟ. ୨,୩୦୦ ଏବଂ ଗ୍ରେଡ ଏ ଏଫ.ଏ.କ୍ୟୁ. ଧାନ କ୍ୱିଣ୍ଟାଲ ପିଛା ଟ. ୨,୩୨୦ ସହିତ ଏମ.ଏସ.ପି. ୮୦୦ ଟଙ୍କା ସର୍ବମୋଟ କ୍ୱିଣ୍ଟାଲ ପିଛା ଚ଼ଷୀ ୩,୧୦୦, ୩,୧୨୦ ଟଙ୍କା ଚ଼ଷୀ ପାଇବେ। ୮୮ ଟି ମିଲର୍ସ ଙ୍କ ମଧ୍ୟରୁ ଉଷୁନା ଚ଼ଉଳ ପାଇଁ ୭୦ ଥିବାବେଳେ ଅରୁଆ ଚ଼ଉଳ ପାଇଁ ୧୮ ଟି ଅଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବାରୁ ଚ଼ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ଓ.ଆର.ଏସ. ପ୍ୟାକେଟ, ଜରୁରୀକାଳୀନ ସେବା ଆବଶ୍ୟକ ସ୍ଥଳେ କୁଲର ର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚ଼ଷୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଠିକ ସମୟରେ ମଣ୍ଡିରୁ ଚ଼ଷୀଙ୍କ ଧାନ ଉଠାଣ କରିବା ପାଇଁ ସମସ୍ତ ମିଲର୍ସ ଅଧିକ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ପୌର ପରିଷଦର ବିକାଶ କାର୍ଯ୍ୟ ନେଇ ନୟାଗଡ଼ରେ ବିଜେଡ଼ି ଏବଂ ବିଜେପି ମୁହାଁମୁହିଁ

# ଅଧ୍ୟକ୍ଷା ଏବଂ ପୌର ପରିଷଦ ର୍ନିବାହୀ ଅଧିକାରୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ଶୀତଳ ଯୁଦ୍ଧ




ନୟାଗଡ଼, ( ମହାଭାରତ ) : ପୌର ପରିଷଦର ବିକାଶ କାର୍ଯ୍ୟ ନେଇ ନୟାଗଡ଼ରେ ବିଜେଡ଼ି ଏବଂ ବିଜେପି ମୁହାଁମୁହିଁ। ବିଜେଡ଼ିର ସମସ୍ତ କାଉନସିଲର ଓ ଅଧ୍ୟକ୍ଷା ଏବଂ ପୌର ପରିଷଦ ର୍ନିବାହୀ ଅଧିକାରୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି। ୨୦୨୪ ସାଧାରଣ ର୍ନିବାଚନ ପରଠାରୁ ଏଭଳି ସ୍ଥିତି ଲାଗି ରହିଛି ନୟାଗଡ଼ ପୌର ପରିଷଦରେ। ରାଜ୍ୟ ରେ ବିଜେପି ସରକାର ଆସିବା ପରଠୁ ନୟାଗଡ଼ ସ୍ଥାନୀୟ ବିଜେପି ନେତା ଙ୍କ ଚ଼ପରେ ପୌର ପରିଷଦରେ ଟେଣ୍ଡର କାମ ବନ୍ଦ କରିବା ଏବଂ ବିଭିନ୍ନ ପ୍ରକଳ୍ପର ର୍ନିମାଣ କାମ ଶେଷ ହୋଇଥିଲେ ମଧ୍ୟ ବିଲ୍ ପାସ ନକରିବା କୁ ନେଇ ବିଜେଡି ଏବଂ ବିଜେପି ମଧ୍ୟରେ ବିବାଦ ଦେଖା ଦେଇଥିବା ବେଳେ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ପୌର ପରିଷଦର ଅଧ୍ୟକ୍ଷା ଏବଂ କାର୍ଯ୍ୟ ର୍ନିବାହୀ ଅଧିକାରୀ। ଆରୋପ ପତ୍ୟାରୋପ ଏବଂ କଥା କଟାକଟିରେ ଚ଼ଲିଛି ନୟାଗଡ଼ ପୌର ପରିଷଦ। ଫଳରେ ବିକାଶ ହୋଇଛି ବାଟବଣାୟ ବିଜେଡି ଏବଂ ବିଜେପି କଳି ମଧ୍ୟରେ ଅଟକି ରହିଛି କୋଟି କୋଟି ଟଙ୍କାର କାମ। ଫଳରେ କାମ ନ ହେଇ ପାରି ନୟାଗଡ଼ ପୌର ପରିଷଦରୁ ଫେରିଯିବ ଟଙ୍କାୟ ସେପଟେ ପୌର ପରିଷଦ ର୍ନିବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ବେଆଇନ କାମ କୁ ପ୍ରସୟ ଦିଆଯିବ ନାହିଁ। ନିୟମ ଅନୁଯାୟୀ କାର୍ଯ୍ୟ ଚ଼ଲିଛି। ୨୦୨୪ ସାଧାରଣ ର୍ନିବାଚନ ପରଠାରୁ ଏଭଳି ତୁ ତୁ ମେଁ ମେଁ ନୟାଗଡ଼ ପୌରପରିଷଦ ରେ ଅଧ୍ୟକ୍ଷା ଏବଂ ର୍ନିବାହୀ ଅଧିକାରୀଙ୍କ ମଧ୍ୟରେ ଲାଗି ରହିଥିବା ବେଳେ କାମ ନହୋଇ ଫେରିଯିବ ୧୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ର ଅନୁଦାନ। ସୂଚନା ଅନୁଯାୟୀ ନୟାଗଡ଼ ପୌର ପରିଷଦର ବିଭିନ୍ନ ଓ୍ୱାର୍ଡର ରାସ୍ତା, ଡ୍ରେନ୍, ବିଜୁଳି ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାମ ପାଇଁ ଆସିଥିବା ୧୬ କୋଟିରୁ ଉର୍ଦ୍ଧ ଟଙ୍କା ଏବେ ଫେରିଯିବା ଆଶଙ୍କା ସୃଷ୍ଟି ହେଉଛି। ସରକାରୀ ନିୟମ ରହିଛି କାମ ନହେଲେ ଟଙ୍କା ଫେରିଯିବ। ଗୁରୁପୂର୍ଣ କଥା ହେଲା ପୌର ପରିଷଦର କୋଟି କୋଟି ଟଙ୍କାର ଅନୁଦାନ ସମ୍ପର୍କରେ କାଉନସିଲର ଏବଂ ପୌର ପରିଷଦର ଉଉୟନ ମୂଳକ କାମ ପାଇଁ ଗଠନ ହୋଇଥିବା ଡେଭଲମେଣ୍ଟ କମିଟି କିଛି ବି ଜାଣନ୍ତି ନାହିଁ। ଏହା ପୌର ର୍ନିବାହୀ ଅଧିକାରୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୪ ସାଧାରଣ ର୍ନିବାଚନ ଠାରୁ ଏଭଳି ନୟାଗଡ଼ ପରିଷଦରେ ଅଚଳ ଅବସ୍ଥା ଲାଗି ରହିଛି। ବିଜେଡି ଓ ବିଜେପି କଳି ମଧ୍ୟରେ ପୌର ପରିଷଦ ବାସିନ୍ଦା ପଡୁଛନ୍ତି ବଳି। ପୌର ପରିଷଦ ର୍ନିବାହୀ ଅଧିକାରୀ ସ୍ନେହଲତା ଆଚ଼ର୍ଯ୍ୟ ଓ ଅଧ୍ୟକ୍ଷା ଏବଂ କାଉସିଲର ମାନଙ୍କ ମଧ୍ୟରେ ଚ଼ଲିଥିବା ଶୀତଳ ଯୁଦ୍ଧ ଧୀରେ ଧୀରେ ତୀବ୍ର ହେବାରେ ଲାଗିଛି। ନୟାଗଡ଼ ପୌର ପରିଷଦର ସମସ୍ତ କାଉନସିଲର ଏବଂ ଅଧ୍ୟକ୍ଷା ବିଜେଡ଼ିର ହୋଇଥିବାରୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଜାଣିଶୁଣି ପୌର ପରିଷଦର ଉନ୍ନୟନ ମୂଳକ କାର୍ଯ୍ୟରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ପୌର ପରିଷଦର ଅଧ୍ୟକ୍ଷା ନିରୂପମ ଖଟେଇ ଅଭିଯୋଗ କରିଛନ୍ତି। ପୌର ପରିଷଦ ର୍ନିବାହୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଏମିତି ସମସ୍ୟା ସୃଷ୍ଟି ହେଉଛି। ନୟାଗଡ଼ ପୌର ପରିଷଦରେ ଦୁର୍ନୀତି ଏବଂ ବିବାଦିୟ କାମ କୁ ନେଇ ବିଜେଡ଼ି ଓ ବିଜେପି ମଧ୍ୟରେ ମୁହାଁମୁହିଁ ଏବଂ କାଉନସିଲର ଅଧ୍ୟକ୍ଷା ଏବଂ ର୍ନିବାହୀ ଅଧିକାରୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆଗକୁ କେଉଁ ରୂପ ନେଉଛି ତା ସମୟ କହିବ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଭୂକମ୍ପ ଝଟକାରେ ଥରିଲା ତୁର୍କୀ

ନୂଆଦିଲ୍ଲୀ : ତୁର୍କୀରେ ପୁଣି ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଏହାର ତୀବ୍ରତା ୬.୦ ବୋଲି ଜଣାପଡିଛି । ଭୂକମ୍ପ ଝଟକା ପରେ ଲୋକମାନେ ଭୟରେ ଘରୁ ଦୌଡି ଚାଲିଆସିଥିଲେ । ଭୂକମ୍ପରେ କ୍ଷୟକ୍ଷତି ବିଷୟରେ କିଛି ସୂଚନା ମିଳିନାହିଁ । ଭୂକମ୍ପ ଯୋଗୁଁ ଲୋକଙ୍କୁ ବିଲିଡିଂରୁ ସୁରକ୍ଷିତ ଭାବେ ବାହାର କରାଯାଇଛି । ଭୂକମ୍ପର କେନ୍ଦ୍ର ଇସ୍ତାନବୁଲର ପଶ୍ଚିମରେ ପ୍ରାୟ ୮୦ କିମି ଦୂର ସିଲିଭରି ଅଞ୍ଚଳରେ ବୋଲି ଜଣାପଡିଛି । ଏହାର ଗଭୀରତା ୧୦ କିମି । ଭୂକମ୍ପ ଯୋଗୁଁ ବାଲକୋନୀରୁ ଡେଇଁ ଜଣେ ଲୋକ ଆହତ ହୋଇଛନ୍ତି । ସୂଚନାଯୋଗ୍ୟ, ୨୦୨୩ରେ ତୁର୍କୀରେ ଆସିଥିବା ବିନାଶକାରୀ ଭୂକମ୍ପ ଯୋଗୁଁ ଜନଜୀବନ ଛାରଖାର ହୋଇଯାଇଥିଲା । ଏହାର ତୀବ୍ରତା ୭.୮ ରହିଥିଲା । ୨୪ ହଜାର ଲୋକ ମୃତ୍ୟୁବରଣ କରିଥିଲେ । ପାଖାପାଖି ଏକ ଲକ୍ଷ ଲୋକ ଆହତ ହୋଇଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଅଧୀକ୍ଷକ ପରୀକ୍ଷା ନକଲି ପ୍ରାର୍ଥୀ ସହ କିଙ୍ଗପିନ ଗିରଫ

ଡେରାଡୁନ୍: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପକ୍ଷରୁ ରବିବାର ଓଏନଜିସି କେନ୍ଦ୍ରୀୟ ବିଦ୍ୟାଳୟରେ ଅଧୀକ୍ଷକ ପଦବୀରେ ନିଯୁକ୍ତି ପାଇଁ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷାର ଜଣେ ନକଲି ପ୍ରାର୍ଥୀ ଏବଂ କିଙ୍ଗପିନକୁ ପୁଲିସ ଗିରଫ କରିଛି । ସିବିଏସ୍ଇ ଅଧିକାରୀଙ୍କ ଅଭିଯୋଗ ଅନୁଯାୟୀ ଝାଡ଼ଖଣ୍ଡ ଧନବାଦର ଗୌତମ କୁମାର ପାସୱାନ(୩୬)ଙ୍କ ପାଇଁ ବିହାରର ରୋହଟା ଜିଲାର ବାସିନ୍ଦା ଆୟୁଷ କୁମାର ପରୀକ୍ଷା ଦେଇଥିଲେ । ପଚରାଉଚରା ବେଳେ ଆୟୁଷ ପ୍ରକାଶ କରିଛନ୍ତି ଯେ ବିହାରର ନାଲନ୍ଦା ଜିଲାର ରାଜଗିରି ନିବାସୀ ପ୍ରଣବ କୁମାର ନକଲି ପ୍ରାର୍ଥୀ ଭାବେ ପରୀକ୍ଷା ଦେଲେ ତାଙ୍କୁ ଟଙ୍କା ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ପ୍ରଣବ କୁମାରଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ସିବିଏସ୍ଇ ଅଧିକାରୀମାନେ ସନ୍ଧ୍ୟା ସିଫ୍ଟରେ ଆସିଥିବା ଜଣେ ପ୍ରାର୍ଥୀଙ୍କ ବାୟୋମେଟ୍ରିକ୍ ଯାଞ୍ଚରେ ମେଳ ଖାଉ ନ ଥିବା ଲକ୍ଷ୍ୟ କରିଥିଲେ । ଏହା ସନ୍ଦେହଜନକ ହୋଇ ସେମାନେ ତାଙ୍କ ରେକର୍ଡ ଯାଞ୍ଚ କରିଥିଲେ ଏବଂ ମାମଲା ସାମ୍ନାକୁ ଆସିଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି ।

## ଅଟାରୀ-ୱାଘା ସୀମା ବନ୍ଦ, ସିନ୍ଧୁ ନଦୀ ଚୁକ୍ତି ବାତିଲ

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ମାମଲାରେ ବୁଧବାର ପିଏମ୍ ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସିସିଏସର ବୈଠକରେ ଅନେକ ବଡ ନିଷ୍ପତ୍ତି ନିଆଯାଇଛି । ବିଦେଶ ସଚିବ ବିକ୍ରମ ମିସ୍ତ୍ରୀ ଜଣାଇଛନ୍ତି କି ସିସିଏସ୍ ନିଷ୍ପତ୍ତିରେ ସିନ୍ଧୁ ନଦୀ ଚୁକ୍ତିକୁ ବାତିଲ କରିଦିଆଯାଇଛି । ଏହି ନିଷ୍ପତ୍ତି ଫଳରେ ପାକିସ୍ତାନକୁ ଏକ ବଡ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ପାକିସ୍ତାନରେ ଜଳ ସମସ୍ୟା ଦେଖାଦେବା ସହ ପୂର୍ବରୁ ଲାଗି ରହିଥିବା ଆର୍ଥିକ ସମସ୍ୟା ଅଧିକ ଗୁରୁତର ହେବ । ଖାଲି ସେତିକି ନୁହେଁ, ବୈଦେଶିକ ମନ୍ତ୍ରାଳୟ ତରଫରୁ ଅନେକ ବଡ ଘୋଷଣା ହୋଇଛି ।

ଅଟାରୀ-ୱାଘା ସୀମା ବନ୍ଦ କରିବାକୁ ମଧ୍ୟ ଘୋଷଣା କରିଛି ଭାରତ । ସାର୍କ ଭିସାରେ ଥିବା ପାକିସ୍ତାନ ନାଗରିକ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ହୋଇଛି । ଦିଲ୍ଲୀରେ ଦୂତାବାସ କର୍ମଚାରୀ ସଂଖ୍ୟା ୫୦ରୁ ୩୦କୁ ହ୍ରାସ ପାଇଁ ନିଷ୍ପତ୍ତି ନିଆଯିବା ସହ କୌଣସି ପାକିସ୍ତାନୀ ନାଗରିକଙ୍କୁ ଭାରତୀୟ ଭିସା ଦିଆଯିବନି ବୋଲି କଡା ନିର୍ଦ୍ଦେଶ ହୋଇଛି । ଏହି ସମସ୍ତ ନିଷ୍ପତ୍ତି ଫଳରେ ପାକିସ୍ତାନ ଉପରେ ଏହାର ଭାରୀ ପ୍ରଭାବ ପଡିବ । ଅନ୍ୟପଟେ ଆସନ୍ତାକାଲି ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିପାରେ ବୋଲି ସୂଚନା ମିଳିଛି ।

## କଶ୍ମୀର ଆତଙ୍କବାଦୀ ଆକ୍ରମଣ: ଗଭୀର ଦୁଃଖପ୍ରକାଶ କଲେ ଆମେରିକା ରାଷ୍ଟ୍ରପତି

କାଶ୍ମୀର : କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା । ଘଟଣାରେ ଗଭୀର ଦୁଃଖପ୍ରକାଶ କଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । କହିଛନ୍ତି ଆତଙ୍କବାଦ ବିରୋଧରେ ଆମେରିକା ଭାରତ ସହ ଠିଆ ହୋଇଛି । ଏଭଳି ଘଟଣାରେ ଆମେରିକା ଗଭୀର ସମବେଦନା ଜଣାଉଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କଡ଼ା ଶବ୍ଦରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି । ଏଭଳି ବର୍ବରକାଣ୍ଡ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ସେହିପରି ଆତଙ୍କବାଦୀ ଆକ୍ରମଣକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ତୀବ୍ର ନିନ୍ଦା କରିଛନ୍ତି । ଆତଙ୍କବାଦୀଙ୍କ ବିରୋଧରେ ଲଢ଼େଇ ପାଇଁ ଭାରତ ସହ ଇସ୍ରାଏଲ ରହିଛି ବୋଲି ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଜର୍ମାନ ଚାନସେଲର ଓଲଫ ସ୍କୋଲାଜ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି । ମୃତକଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେହିପରି ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟର୍ମର ମଧ୍ୟ ଘୋର ନିନ୍ଦା କରିଛନ୍ତି । ଏପରି ଘଟଣାରେ ଭାରତ ସହ ବ୍ରିଟେନ ରହିଛି ବୋଲି ସେ କହିଛନ୍ତି । ସୂଚନା ଅନୁସାରେ ଗତକାଲି କଶ୍ମୀରରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି । ଆତଙ୍କବାଦୀଙ୍କ ଆଖିବୁଜା ଗୁଳିମାଡ଼ରେ ୨୭ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି । ଆକ୍ରମଣରେ ୨ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା ରହିଛି । ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଜଣେ ପର୍ଯ୍ୟଟକ ରହିଛନ୍ତି । ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲ୍ଲା ପହଲଗାଁଓ ଅଞ୍ଚଳରେ ହୋଇଛି ଆତଙ୍କବାଦୀ ଆକ୍ରମଣ । ପର୍ଯ୍ୟଟକ ମାନେ ଏକ ବଜାରରେ ଥିବା ବେଳେ ହଠାତ ଗୁଳିମାଡ଼ କରିଥିଲେ ଆତଙ୍କବାଦୀ । ପୋଲିସ ଓ ସେନା ୟୁନିଫର୍ମରେ ଆସି ଗୁଳିବର୍ଷା କରିଥିଲେ । ବର୍ବର ଆକ୍ରମଣକୁ ଦୃଢ ନିନ୍ଦା କରିଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ।

## ଭାରତର ଚେତାବନୀ ପରେ ପାକ୍ ଥରହର

ନୁଆଦିଲ୍ଲୀ : ପହଲଗାମ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚେତାବନୀ ଦେବା ପରେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି । ଭାରତର ପାଲଟା ଜବାବ ଆଶଙ୍କାରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ବୁଧବାର ରୁଦ୍ଧଦ୍ୱାର ବୈଠକ ଡକାଇ ବାୟୁସେନା ଏବଂ ନୌସେନାକୁ ସଜାଗ ରହିବାକୁ ସତର୍କ କରାଇଛି । ଆକ୍ରମଣ ପରେ ପାକିସ୍ତାନ ପକ୍ଷରୁ ପ୍ରଥମ ବିବୃତି ଜାରି କରାଯାଇ ଏହି ଘଟଣାରେ ତା'ର ସମ୍ପୃକ୍ତି ନାହିଁ ବୋଲି କହିଛି । ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ପହଲଗାମ ଆକ୍ରମଣରୁ ଇସଲାମାବାଦକୁ ଦୂରେଇ ରଖିବା ସହିତ ଏହି ହିଂସା ଭାରତ ବିରୋଧରେ ବଡ଼ ବିଦ୍ରୋହର ଅଂଶ ବୋଲି କହିଛି । ଭାରତରେ ବଢୁଥିବା ଆତଙ୍କବାଦ ହିଁ ଏଥିପାଇଁ ଦାୟୀ । ସେ ଆହୁରି କହିଛନ୍ତି ଯେ, ନାଗାଲାଣ୍ଡଠାରୁ କାଶ୍ମୀର ଏବଂ ମଣିପୁର ପର୍ଯ୍ୟନ୍ତ ସବୁଠି ଭାରତ ସରକାର ବିରୋଧରେ ବିଦ୍ରୋହ ଚାଲିଛି । ଏହି ଆକ୍ରମଣ ହୋମ୍ ଗ୍ରୋନ ବା ଭାରତରେ ବିକଶିତ ଆତଙ୍କବାଦ ଦ୍ୱାରା ଘଟୁଛି ।

# ପହଲଗାମ ଆକ୍ରମଣ ପରେ କଶ୍ମୀର ଛାଡୁଛନ୍ତି ପର୍ଯ୍ୟଟକ



ନୁଆଦିଲ୍ଲୀ : ପହଲଗାମ ଆକ୍ରମଣ ପରେ କଶ୍ମୀର ଛାଡୁଛନ୍ତି ପର୍ଯ୍ୟଟକ । ୬ ଘଣ୍ଟାରେ ୩ ହଜାରରୁ ଅଧିକ ଯାତ୍ରୀ ବିମାନ ଯୋଗେ ଶ୍ରୀନଗର ଛାଡିଛନ୍ତି । ପହଲଗାମ ଆକ୍ରମଣ ପରେ ବହୁ ସଂଖ୍ୟାରେ ପର୍ଯ୍ୟଟକ କଶ୍ମୀର ଛାଡୁଛନ୍ତି । ଫଳରେ ଟିକେଟ୍ ଚାହିଦା ବଢି ଯାଇଛି । ଏଥିପାଇଁ ଶ୍ରୀନଗରରେ ଥିବା ସବୁ ଏୟାରଲାଇନ୍ସର କମ୍ପାନୀକୁ ଶ୍ରୀନଗରରେ ବିମାନ ସଂଖ୍ୟା ବଢାଇବାକୁ କହିଛି ଡିଜିସିଏ । ବେସାମରିକ ବିମାନ ଚଳଚଳ ମନ୍ତ୍ରୀ କହିଛନ୍ତି, ଚାହିଦା ବଢିଥିଲେ ମଧ୍ୟ ଟିକେଟ ମୂଲ୍ୟ ନ ବଢାଇବାକୁ ବିମାନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଟିକେଟ୍ କ୍ୟାନସଲ କରୁଥିଲେ କିମ୍ବା ଯାତ୍ରା ସମୟ ପୁନଃ ନିର୍ଦ୍ଧାରଣ କରୁଥିଲେ, ଯାତ୍ରୀଙ୍କଠାରୁ କ୍ୟାନସଲେସନ ଚାର୍ଜ ଛାଡ ପାଇଁ କୁହାଯାଇଛି । ନିର୍ଦ୍ଦେଶ ପରେ ଅନେକ କମ୍ପାନୀ ଅତିରିକ୍ତ ବିମାନ ଉଡ଼ାଇଛନ୍ତି । ଇଣ୍ଡିଗୋ ଏବଂ ସ୍ପାଇସ୍ ଜେଟ୍ ଅତିରିକ୍ତ ବିମାନ ଉଡ଼ାଣ କରିଛନ୍ତି । ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଭିତରେ ପ୍ରାୟ ୨୦ଟି ବିମାନ ଶ୍ରୀନଗର ଛାଡିଛି । ସେଥିରେ ୩ ହଜାର ୩୩୭ ଯାତ୍ରୀ ଶ୍ରୀନଗର ଛାଡିଛନ୍ତି । ଅଭିଯୋଗ ହେଉଛି, ନିର୍ଦ୍ଦେଶ ପରେ ମଧ୍ୟ ବିମାନ କମ୍ପାନୀଗୁଡିକ ଯାତ୍ରୀଙ୍କଠାରୁ ମାତ୍ରାଧିକ ମୂଲ୍ୟ ନେଉଛନ୍ତି । ସୂଚନାଯୋଗ୍ୟ, ପହଲଗାମ ରିସର୍ଟ ସହରଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଏକ ସୁନ୍ଦର ଅଞ୍ଚଳ ଏବଂ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଶାନ୍ତ ପରିବେଶ ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ଲୋକପ୍ରିୟ । ଗତକାଲି ଅପରାହ୍ନ ପ୍ରାୟ ୨ଟା ବେଳେ ପହଲଗାମରେ ପର୍ଯ୍ୟଟକଙ୍କ ଏକ ଗ୍ରୁପକୁ ଟାର୍ଗେଟ କରିଥିଲେ ଆତଙ୍କବାଦୀ । ଅମରନାଥ ଯାତ୍ରା ପୂର୍ବରୁ ଗତକାଲି ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ନୌସେନା ଓ ଜଣେ ଗୁଇନ୍ଦା ଅଧିକାରୀଙ୍କ ସମେତ ୨୭ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି । ଏହି ହମଲା ପଛରେ ଆତଙ୍କବାଦୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ବା ଟିଆରଏଫ । ଆତଙ୍କବାଦୀ ଆକ୍ରମଣର ତଦନ୍ତ ଚାଲିଛି । ଏହି ଆକ୍ରମଣ ପରେ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## କାଶ୍ମୀରରେ ପାକିସ୍ତାନ ମୁର୍ଦ୍ଦାବାଦ ନାରା

ଜମ୍ମୁ-କଶ୍ମୀର: ମଙ୍ଗଳବାର ପାକିସ୍ତାନ ମୁର୍ଦ୍ଦାବାଦ ନାରାରେ କମ୍ପୁଛି ଜମ୍ମୁକାଶ୍ମୀ । କେଉଁଠି କ୍ୟାଣ୍ଡେଲ୍ ମାର୍ଚ୍ଚ ତ ପୁଣି କେଉଁଠି ଧାରଣା ପ୍ରତିବାଦ । ଘାଟିଠୁ ନେଇ ସହରରେ ବିକ୍ଷୋଭ, ଆକ୍ରୋଶ । ସବୁଠି ପାକିସ୍ତାନ ବିରୋଧରେ ରାଗ, ଅସନ୍ତୋଷ । ପାକ୍ ସରକାରଙ୍କ କୁଶପୁତ୍ତଳିକା ଦାହ କରି କଡ଼ା ଜବାବ ଦେବାକୁ ସରକାରଙ୍କୁ କରାଯାଇଛି ଅପିଲ । ବିଭିନ୍ନ ସଂଗଠନ ରାସ୍ତାକୁ ଓହ୍ଲାଇଛନ୍ତି । ଆତଙ୍କବାଦଙ୍କ ମୂଳପୋଛ ପାଇଁ ଦାବି ବଢୁଛି । ଆତଙ୍କୀ ଆକ୍ରମଣକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଛି । ଜମ୍ମୁକାଶ୍ମୀର ସରକାରଙ୍କ ବିରୋଧରେ ପିଡିପି ଓ ଅନ୍ୟାନ୍ୟ ବିରୋଧୀ ଦଳ ବିକ୍ଷୋଭ କରୁଛନ୍ତି । ସେପଟେ ୩୫ବର୍ଷରେ ପ୍ରଥମ । ଘାଟିରେ ସଟ୍‌ଡାଉନ । ଆତଙ୍କୀ ଆକ୍ରମଣକୁ ବିରୋଧ କରି ଆଜି ସମ୍ପୂର୍ଣ୍ଣ ଘାଟିକୁ ବନ୍ଦ ରଖାଯାଇଛି । ଦେଖିଲେ ସତେ ଲାଗୁଛି ଶ୍ରୀହୀନ ହୋଇପଡିଛି ଭୂସ୍ୱର୍ଗ ।

# ପହଲଗାମ ଆକ୍ରମଣ : ଦିଲ୍ଲୀ, ମୁମ୍ବାଇ, ୟୁପିରେ ହାଇଆଲର୍ଟ




ଜମ୍ମୁ-କଶ୍ମୀର: ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇବା ପରେ ଦେଶର ଅନ୍ୟ ପର୍ଯ୍ୟଟନ ସ୍ଥଳୀକୁ ନେଇ ହାଇ ଆଲର୍ଟ ଜାରି କରିଛନ୍ତି ସରକାର । ଦିଲ୍ଲୀ, ଜୟପୁର, ଅମ୍ରିତସରରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା କରି ସ୍ଥାନୀୟ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି । ପୁଲୱାମା ଆଟାକ ପରେ ଘାଟିରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି । ଦିଲ୍ଲୀ ପୋଲିସ ସହରର ସୁରକ୍ଷା ବ୍ୟବସ୍ଥାକୁ ଟାଇଟ୍ କରିଦେଇଥିବା ବେଳେ ବର୍ଡରରେ ଚେକିଂ ଜାରି ରଖିଛି । ମୁମ୍ବାଇରେ ମଧ୍ୟ ସମାନ ପଦକ୍ଷେପ ନେଇଛି ପୋଲିସ । ସହରରେ କଡାକଡ଼ି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ସମସ୍ତ ଉଚ୍ଚ ପୋଲିସ ଅଧିକାରୀ ଆଲର୍ଟ ଥିବାବେଳେ ସୁରକ୍ଷା ପରିଚାଳନା ଉପରେ ସମସ୍ତଙ୍କ ନଜର ରହିଛି । ପହଲଗାମ ଆଟାକ ପରେ ଡେରାଡୁନରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି । ସଂପୂର୍ଣ୍ଣ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ଜମ୍ମୁ-କଶ୍ମୀର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଯୋଗୁ ୨୬ ଜଣଙ୍କ ମୃତ୍ୟୁ ଘଟିଛି । ଲସ୍କର-ଇ-ତୋଇବା ଆତଙ୍କୀ ସଙ୍ଗଠନ ଏ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ପରିବାର ସହିତ ବୁଲି ଆସିଥିବା ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ ଆତଙ୍କୀ । ଲୋକଙ୍କ ନାମ ପଚାରି ପଚାରି ଗୁଳି ମାରିଥିଲେ । ପହଲଗାମର ବୈସରନ ଘାଟିରେ ମଙ୍ଗଳବାର ଦିନ ୨.୪୫ ରେ ହୋଇଥିବା ଆତଙ୍କୀ ଆକ୍ରମଣରେ ୨୦ ରୁ ଅଧିକ ପର୍ଯ୍ୟଟକ ଆହତ ହୋଇଥିବାର ସୂଚନା ଆସୁଛି । ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଗୁଳି ମାରିବା ପୂର୍ବରୁ ସେମାନଙ୍କର ନାଁ ପଚାରିଥିଲେ ଏବଂ କଲମା ପଢ଼ିବାକୁ କହିଥିଲେ । ପହଲଗାମ ଆକ୍ରମଣରେ ୨ ଜଣ ପାକିସ୍ତାନୀ ଆତଙ୍କବାଦୀ ଏବଂ ୨ ଜଣ ସ୍ଥାନୀୟ ଆତଙ୍କବାଦୀ ସାମିଲ୍ ଥିଲେ । ଏହି ସମୟରେ ଉରିରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ଆତଙ୍କୀଙ୍କୁ ସେନା ଯବାନ ଗୁଳି କରି ହତ୍ୟା କରିଛନ୍ତି ।

## ପାକିସ୍ତାନ ମୁହାଁ ଭାରତୀୟ ସେନା ! ହେବ କି ବଡ଼ଯୁଦ୍ଧ

ନୂଆଦିଲ୍ଲୀ : ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଅତ୍ୟଧିକ ବୃଦ୍ଧି କରିଛି । ଏହି ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ, ଯେଉଁଥିରେ ଦୁଇ ଜଣ ବିଦେଶୀ ଏବଂ ଦୁଇ ଜଣ ସ୍ଥାନୀୟ ଲୋକ ଥିଲେ, ମୃତ୍ୟୁବରଣ କରିଥିଲେ । ଏହି ଘଟଣାକୁ କଶ୍ମୀର ରେସିଷ୍ଟାନ୍ସ ନାମକ ଏକ ଗୋଷ୍ଠୀ ଦାୟିତ୍ୱ ନେଇଛି, ଯାହାକୁ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପାକିସ୍ତାନ ଆଧାରିତ ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦୀନର ଏକ ଶାଖା ବୋଲି ଦାବି କରିଛନ୍ତି । ଏହି ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧର ସମ୍ଭାବନା ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । ପହଲଗାମର ଉପତ୍ୟକାରେ ଏହି ଆକ୍ରମଣ ଘଟିଥିଲା, ଯେଉଁଠାରେ ଚାରିରୁ ଛଅ ଜଣ ଆତଙ୍କବାଦୀ ସାମରିକ ପୋଷାକରେ ଜଙ୍ଗଲରୁ ବାହାରି ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଗୁଳିଚାଳନା କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ମୁତାବକ, ଆକ୍ରମଣକାରୀମାନେ ମୁଖ୍ୟତଃ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ ଏବଂ ମହିଳାଙ୍କୁ ଜୀବନ୍ତ ଛାଡ଼ିଥିଲେ ଯାହା ଫଳରେ ସେ ଏହି ଘଟଣାର ଭୟାବହତା ବିଷୟରେ ବର୍ଣ୍ଣନା କରିପାରିବେ । ଏହି ଆକ୍ରମଣ ୩୦ ବର୍ଷରେ କଶ୍ମୀରରେ ପର୍ଯ୍ୟଟକମାନଙ୍କ ଉପରେ ହୋଇଥିବା ସବୁଠାରୁ ମାରାତ୍ମକ ଆକ୍ରମଣ ବୋଲି ବିବେଚନା କରାଯାଉଛି । ଏହି ଆକ୍ରମଣ ପରେ ଭାରତ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବ ଗସ୍ତକୁ ଅଧାରୁ ଛାଡ଼ି ଦିଲ୍ଲୀ ଫେରିଥିଲେ ଏବଂ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ



ଏକ ଜରୁରୀ ବୈଠକ କରିଥିଲେ । ମୋଦି ସୋସିଆଲ ମିଡ଼ିଆରେ ଘୋଷଣା କରିଛନ୍ତି ଯେ, ଏହି ଜଘନ୍ୟ କାର୍ଯ୍ୟରେ ଜଡ଼ିତ ଥିବା ବ୍ୟକ୍ତିମାନଙ୍କୁ ଛାଡ଼ାଯିବ ନାହିଁ । ଆତଙ୍କବାଦ ବିରୋଧରେ ଆମର ସଂକଳ୍ପ ଅଟଳ ଏବଂ ଏହା ଆହୁରି ଦୃଢ଼ ହେବ । ଗୃହମନ୍ତ୍ରୀ ଅମିତ ଶାହ ଶ୍ରୀନଗର ଯାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଏବଂ ଘୋଷଣା କରିଛନ୍ତି ଯେ, ଏହି ଆକ୍ରମଣରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ କଠୋରତମ ପଦକ୍ଷେପ ନିଆଯିବ । ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀ ଆକ୍ରମଣକାରୀମାନଙ୍କୁ ଖୋଜିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି । ତେବେ ପାକିସ୍ତାନ ଏହି ଆକ୍ରମଣରେ ନିଜର ସମ୍ପୃକ୍ତିକୁ ଅସ୍ୱୀକାର କରିଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାଓଜା ଆସିଫ କହିଛନ୍ତି, ଏହି ଆକ୍ରମଣ ସହ ପାକିସ୍ତାନର କୌଣସି ସମ୍ପର୍କ ନାହିଁ । ଏହା ଭାରତର ଆଭ୍ୟନ୍ତରୀଣ ବିଦ୍ରୋହର ଫଳାଫଳ । ତଥାପି, ଭାରତୀୟ ଗୁଇନ୍ଦା ସୂତ୍ର ଏବଂ ବିଶେଷଜ୍ଞମାନେ ଏହି ଆକ୍ରମଣ ପାକିସ୍ତାନର ଇଣ୍ଟର-ସର୍ଭିସେସ ଇଣ୍ଟେଲିଜେନ୍ସ (ଓଝଓ) ଦ୍ୱାରା ସମର୍ଥିତ ବୋଲି ଅଭିଯୋଗ କରିଛନ୍ତି । ସୋସିଆଲ ମିଡ଼ିଆରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସେନା ଏବଂ ବାୟୁସେନା ନିଜର ଉତ୍ତର ସୀମାନ୍ତରେ ସତର୍କତା ବୃଦ୍ଧି କରିଛି, ଯାହା ଭାରତର ସମ୍ଭାବ୍ୟ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଭୟର ସୂଚନା ଦେଉଛି ।

# ପାକିସ୍ତାନ ନାଗରିକଙ୍କୁ ଭାରତ ମନା



ନୁଆଦିଲ୍ଲୀ : ପ୍ରାୟ ଦୁଇ ଘଣ୍ଟା ଧରି ସିସିଏସ୍ ବୈଠକ ପରେ ପାକିସ୍ତାନକୁ ନେଇ କଡ଼ା ନିଷ୍ପତ୍ତି ନେଇଛି ଭାରତ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଆଜି ସିସିଏସ୍ ବୈଠକ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ବୈଠକ ପରେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏକ ପ୍ରେସ୍ ମିଟ୍ କରାଯାଇଛି । ବୈଠକରେ ପାକିସ୍ତାନ ଉପରେ କଡ଼ା କଟକଣା ଲଗାଇଛି ଭାରତ । ଏହା ପାକିସ୍ତାନ ଉପରେ ପ୍ରହାର ସଦୃଶ । କାରଣ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବେ ପାକିସ୍ତାନ ନାଗରିକ । ଏଣିକି ପାକିସ୍ତାନ ନାଗରିକଙ୍କୁ ଭାରତ ଆସିବା ପରେ ରୋକ ଲଗାଇଛନ୍ତି ସରକାର । ପାକିସ୍ତାନ ନାଗରିକଙ୍କୁ ସାର୍କ ଭିସାରେ ଭାରତ ଆସିବା ଉପରେ ରୋକ୍ ଲଗାଇଛନ୍ତି ସରକାର । ଏହି କ୍ରମରେ ଅଟାରୀ ଚେକ୍ ପୋଷ୍ଟ ବନ୍ଦ କରାଯିବ । ସେହିଭଳି ସିନ୍ଧୁ ଜଳ ବୁଝାମଣାକୁ ମଧ୍ୟ ରଦ୍ଦ କରିଛନ୍ତି ସରକାର । ବୈଦେଶିକ ମନ୍ତ୍ରାଳୟ କହିଛି ପହଲଗାମ ଆତଙ୍କୀ ଆକ୍ରମଣ ପଛରେ ରହିଛି ପାକିସ୍ତାନର ହାତ । ବର୍ବର କାଣ୍ଡ ଘଟାଇବାକୁ ସୀମା ପାର୍ ହୋଇ ଆସିଥିଲେ ପାକିସ୍ତାନୀ ଆତଙ୍କବାଦୀ । ଏହି କ୍ରମରେ ପାକିସ୍ତାନର ଦୂତାବାସରେ କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ କରିବାକୁ ନିଷ୍ପତ୍ତି ନେଇଛନ୍ତି ଭାରତ ସରକାର । ଏଭଳି ଭାବରେ ଭାରତ ପାକିସ୍ତାନ ପ୍ରତି ତାର ଆଭିମୁଖ୍ୟ ସ୍ପଷ୍ଟ କରିଛି । ଗତକାଲି କାଶ୍ମୀରର ପହଲଗାମରେ ନୀରିହ ପର୍ଯ୍ୟଟକଙ୍କୁ ଟାର୍ଗେଟ୍ କରିଥିଲେ ଆତଙ୍କୀ । ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ଆଖି ବୁଜିଛନ୍ତି । ୨୬ଟି ପରିବାର ଆଖିରେ ଲୁହ ଦେଇଥିବା ପାକିସ୍ତାନ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସରକାର । ସିନ୍ଧୁ ଜଳ ବୁଝାମଣା ରଦ୍ଦ ହେବାପରେ ପାକିସ୍ତାନରେ ଜଳ ସଙ୍କଟ ଦେଖାଦେବ । ସେପଟେ ସିସିଏସ୍ ବୈଠକରେ ସୁରକ୍ଷାବଳକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ପହଲଗାମ ହାମଲା, ସୁରକ୍ଷା ଏଜେନ୍ସୀ ଜାରି କଲା ୩ ଆତଙ୍କବାଦୀଙ୍କ ସ୍କେଚ



ନୁଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଦେଶ ସ୍ତବ୍ଧ ହୋଇଯାଇଛି । ଆତଙ୍କୀ ସାଧାରଣ ପର୍ଯ୍ୟଟକଙ୍କୁ ଯେଉଁଭଳି ଭାବେ ମାରିଛନ୍ତି, ତାହାର ପ୍ରତିଶୋଧ ନେବାକୁ ସମଗ୍ର ଦେଶ ଚାହିଁ ରହିଛି । ଏହାରି ମଧ୍ୟରେ ୩ ଆତଙ୍କୀଙ୍କ ସ୍କେଚ ଜାରି କରାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଆଧାରରେ ୩ ଆତଙ୍କବାଦୀଙ୍କ ସ୍କେଚ ପ୍ରସ୍ତୁତ କରାଯାଇଛି । ଆତଙ୍କବାଦୀଙ୍କୁ ଧରିବା ପାଇଁ ତନାଘନା ଚାଲିଛି । ସେନା, ସିଆରପିଏଫ ଏବଂ ଜମ୍ମୁ କଶ୍ମୀର ପୋଲିସ ଆତଙ୍କୀଙ୍କୁ ଧରିବା ପାଇଁ ଜୋରଦାର ସର୍ଚ୍ଚ ଅପରେସନ ଜାରି କରିଛି । ସେନା ଓ ପୋଲିସ ପୋଷାକରେ ଆସିଥିଲେ ଆତଙ୍କବାଦୀ । ନାଁ ପଚାରି ପର୍ଯ୍ୟଟକଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ । ସୂଚନାଯୋଗ୍ୟ, ପହଲଗାମ ରିସର୍ଟ ସହରଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଏକ ସୁନ୍ଦର ଅଞ୍ଚଳ ଏବଂ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଶାନ୍ତ ପରିବେଶ ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ଲୋକପ୍ରିୟ । ଗତକାଲି ଅପରାହ୍ନ ପ୍ରାୟ ୨ଟା ବେଳେ ପହଲଗାମରେ ପର୍ଯ୍ୟଟକଙ୍କ ଏକ ଗ୍ରୁପକୁ ଟାର୍ଗେଟ କରିଥିଲେ ଆତଙ୍କବାଦୀ । ଅମରନାଥ ଯାତ୍ରା ପୂର୍ବରୁ ଗତକାଲି ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଜଣେ ନୌସେନା ଓ ଜଣେ ଗୁଇନ୍ଦା ଅଧିକାରୀଙ୍କ ସମେତ ୨୭ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି । ଏହି ହମଲା ପଛରେ ଆତଙ୍କବାଦୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ବା ଟିଆରଏଫ । ଆତଙ୍କବାଦୀ ଆକ୍ରମଣର ତଦନ୍ତ କରୁଛି ଘଓଇ । ଏହି ଆକ୍ରମଣ ପରେ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ହମାସ ଷ୍ଟାଇଲରେ ଆକ୍ରମଣ

ଆତଙ୍କୀ ଆକ୍ରମଣ ପରେ ଆକ୍ସନ ମୁଡରେ କେନ୍ଦ୍ର ସରକାର । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଲା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକ । ଫୋରେନ୍ସିକ୍ ତଦନ୍ତ ଓ ସାକ୍ଷୀଙ୍କ ବୟାନରୁ ଜଣାପଡ଼ିଛି ଯେ ଆକ୍ରମଣକାରୀମାନେ ସାମରିକ ଅସ୍ତ୍ରଶସ୍ତ୍ର ଓ ଉନ୍ନତ ଯୋଗାଯୋଗ ଉପକରଣ ବ୍ୟବହାର କରିଥିଲେ, ଯାହା ପାକିସ୍ତାନରୁ ସମର୍ଥନ ଓ ପରିକଳ୍ପନାକୁ ଇଙ୍ଗିତ କରେ । ପହଲଗାମ ଆକ୍ରମଣକୁ ୭ ଅକ୍ଟୋବର ୨୦୨୩ରେ ହମାସ୍ ଦ୍ୱାରା ଇସ୍ରାଏଲ ଉପରେ କରାଯାଇଥିବା ଆକ୍ରମଣ ସହିତ ତୁଳନା କରାଯାଉଛି । ସେହି ଆକ୍ରମଣରେ ହମାସ୍ ମିଲିଟାଣ୍ଟମାନେ ଗାଜାରୁ ଇସ୍ରାଏଲ ଅଞ୍ଚଳକୁ ପ୍ରବେଶ କରି ନିରୀହ ନାଗରିକମାନଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ । ଏପରିକି ଇହୁଦୀ ବୋଲି ଜାଣିବା ପରେ ନିର୍ଦ୍ଦୟ ଭାବେ ହତ୍ୟା ସହ ଅପହରଣ କରିଥିଲେ । ଠିକ ସେହିପରି ପହଲଗାମରେ ମଧ୍ୟ ପଚାରାଯାଇଥିଲା ଧର୍ମ କଣ ଏବଂ ତାପରେ ବନ୍ଧୁକରୁ ଗୁଳି ଫୁଟିଥିଲା ।

# ପହଲଗାମ ଆତଙ୍କୀ ହମଲାକୁ ନେଇ କ୍ରୀଡ଼ା ଜଗତରେ ଶୋକ

## ଭାବୁକ ହେଲେ ବିରାଟ, ନୀରଜ, ସିନ୍ଧୁ, ସାଇନା



ନୂଆଦିଲ୍ଲୀ ୨୩।୦୪; ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାରେ ଭାରତୀୟ କ୍ରିକେଟର ବିରାଟ କୋହଲି ଗଭୀର ଶୋକ ପ୍ରକାଶ କରିଛନ୍ତି ସେ ତାଙ୍କର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପ୍ରୋଫାଇଲ୍‌ରେ ଏକ ଷ୍ଟୋରୀ ସେୟାର କରିଛନ୍ତି ଏହି ପୋଷ୍ଟରେ ସେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି 'ଘୃଣ୍ୟ' ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ ପୀଡିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଏହି ହିଂସାତ୍ମକ ଆକ୍ରମଣ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି

କୋହଲି ପହଲଗାମ ଆକ୍ରମଣ ସମ୍ପର୍କରେ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ସେୟାର କରି ଲେଖିଛନ୍ତି- ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି ଜଘନ୍ୟ ଆକ୍ରମଣରେ ମୁଁ ଗଭୀର ଦୁଃଖିତ ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଶାନ୍ତି ଏବଂ ଶକ୍ତି ମିଳୁ, ଏବଂ ଏହି ନୃଶଂସ ଆକ୍ରମଣ ପାଇଁ ନ୍ୟାୟ ମିଳୁ।

ଏହି ସମୟରେ, ଅନୁଷ୍କା ଶର୍ମା ଲେଖିଛନ୍ତି- କାଶ୍ମୀରର ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କ ଉପରେ ହୋଇଥିବା ଏହି ଆତଙ୍କୀ ହମଲାରେ ମୁଁ ଗଭୀର ଭାବେ ଦୁଃଖିତ ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଏବଂ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରୁଛି ଏହା ଏକ ଭୟଙ୍କର ଆକ୍ରମଣ ଯାହାକୁ କେବେ ଭୁଲି ହେବ ନାହିଁ।

ମନେରଖନ୍ତୁ ଯେ ଏହି ଆକ୍ରମଣ ମଙ୍ଗଳବାର ଦିନ ପହଲଗାମର ପ୍ରସିଦ୍ଧ ବୈସାରନ ଉପତ୍ୟକାରେ ଘଟିଥିଲା, ଯେଉଁଠାରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଅନ୍ଧାରରେ ଗୁଳି ଚଳାଇଥିଲେ, ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ଏହି ଇନଷ୍ଟା ଷ୍ଟୋରୀ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି ଏବଂ ତାଙ୍କ ପ୍ରଶଂସକମାନେ ଏହି ପୋଷ୍ଟକୁ ବହୁତ ସେୟାର କରୁଛନ୍ତି।

ଅନ୍ୟ ପଟେ ଦୁଇ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ଏବଂ ପିଭି ସିନ୍ଧୁଙ୍କ ସମେତ କ୍ରୀଡା ଜଗତ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଶୋକ ପ୍ରକାଶ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି ସିନ୍ଧୁ ଏକ ଭାବପ୍ରବଣ ପୋଷ୍ଟରେ ମଧ୍ୟ ଲେଖିଛନ୍ତି, 'ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତଙ୍କ ପାଇଁ ମୋର ହୃଦୟ ଦୁଃଖିତ' ଏପରି ନିଷ୍ଠୁରତାକୁ କେହି କୌଣସି କାରଣରୁ ଯଥାର୍ଥ କରିପାରିବେ ନାହିଁ।

ସାଇନା ନେହାଲ ଲେଖିଛନ୍ତି, 'ପହଲଗାମ ଆତଙ୍କବାଦୀ ଆକ୍ରମଣ ଆମେ ସମସ୍ତଙ୍କୁ ଦୁଃଖିତ କରାଉଛି'। ଆମେ ହରାଇଥିବା ଆତ୍ମା ଏବଂ ସେମାନଙ୍କ ପରିବାର ପ୍ରତି ମୋର ପ୍ରାର୍ଥନା। ଏହି ଆତଙ୍କବାଦୀ ଆକ୍ରମଣରେ ଅନ୍ୟ ଅନେକ କ୍ରିକେଟର ମଧ୍ୟ ଆହତ ହୋଇଥିବା ପରି ମନେ ହେଉଥିଲା। ଶୁଭମାନ ଗିଲ, ଗୌତମ ଗମ୍ଭୀର, ପାର୍ଥିବ ପଟେଲ, ଆକାଶ ଚୋପ୍ରା, ମନୋଜ ତିିାରୀ, ଯୁବରାଜ ସିଂ, ଇଶାନ୍ତ ଶର୍ମା, ଇରଫାନ ପଠାନ, ସୁରେଶ ରାଇନାଙ୍କ ଭଳି କ୍ରିକେଟର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର। କହିଛନ୍ତି ଯେ ଏହି ଆକ୍ରମଣ ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ନିଶ୍ଚିତ ଭାବରେ ଦଣ୍ଡ ଦିଆଯିବ।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୮ | ୦୬ | ୦୨ | ୧୨ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍‌ସ | ୦୭ | ୦୫ | ୦୨ | ୧୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୯ | ୦୫ | ୦୪ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୮ | ୦୩ | ୦୫ | ୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୮ | ୦୪ | ୦୪ | ୦୮ |
| ରାଜସ୍ଥାନ ରୟାଲ୍‌ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୭ | ୦୨ | ୦୫ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୮ | ୦୨ | ୦୬ | ୦୪ |



ପହେଲଗ୍ରାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଅମରଆତ୍ମାର ସମ୍ମାନାର୍ଥେ ଆଇପିଏଲ୍‌ରେ ନୀରବ ପ୍ରାର୍ଥନା।

# ଦିଲ୍ଲୀର ଜବରଦସ୍ତ ବିଜୟ



ଲକ୍ଷ୍ନୌ, ୨୩।୪: ମୁକେଶ କୁମାର ଘାତକ ବୋଲିଂ ବଳରେ ଦିଲ୍ଲୀ ପ୍ୟାପିଟାଲ୍ସ (ଡିସି) ୮ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ (ଏସ୍‌ଏଲ୍‌ଜି)କୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ଦିଲ୍ଲୀ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ଷଷ୍ଠ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ଚତୁର୍ଥ ପରାଜୟ।

ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା। ଜବାବରେ ଦିଲ୍ଲୀ ୧୬୦ ରନର ଟାର୍ଗେଟ୍‌କୁ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଭିଷେକ ପୋରେଲ ୩୬ ବଲରେ ୫୧ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଲୋକେଶ ରାହୁଲ ୫୭ (୩ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୧ ଚୌକା ଓ ୪ ଛକା) ଅପରାଜିତ ରହିଥିଲେ ଦିଲ୍ଲୀ ପକ୍ଷରୁ ମାରକ୍ରାମ ଦୁଇଟି ଉଇକେଟ ନେଇଥିଲେ।

ଦିଲ୍ଲୀ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିଲା ଏଲଏସଜି ଓପନିଂ ଯୋଡ଼ି ଇଡେନ ମାରକ୍ରମ ଓ ମିଚେଲ୍ ମାର୍ଶ ଆରମ୍ଭରୁ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ୱିକେଟ୍ ପତନ ବେଳେ ଲକ୍ଷ୍ନୌର ୮୭ ରନ୍ କରିଥିଲା। ମାରକ୍ରମ ୩୩ ବଲରୁ ୫୨ ରନ୍ ଓ ମାର୍ଶ ୩୬ ବଲରୁ ୪୫ ରନ କରି ଆଉଟ୍ ହେବା ପରେ ୱିକେଟର ଝଡ଼ି ଲାଗିଥିଲା। ଅଧିନାୟକ ରିଷଭ ପନ୍ତ ପୁଣି ଥରେ ଫ୍ଲପ୍ ହୋଇଛନ୍ତି। ସେ ଦୁଇଟି ବଲ୍ ଖେଳି ଡକ୍ ଆଉଟ୍ ହୋଇଥିଲେ। ମିଡିଲ ଅର୍ଡରରେ ଆୟୁଷ ବଦୋନୀଙ୍କୁ ଛାଡ଼ି କେହି ଖେଳି ପାରିନଥିଲେ। ବଦୋନୀ ୨୧ଟି ବଲ୍ ଖେଳି ୩୬ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ସପ୍ତମ ୱିକେଟରେ ଅଧିନାୟକ ପଡ଼ିଆକୁ ଓହ୍ଲାଇଥିଲେ। ହେଲେ ପୁଣି ଥରେ ଫେଲ୍ ମାରିଥିଲେ। ମୁକେଶ କୁମାର ତାଙ୍କୁ ଶୂନରେ କ୍ଲିନ୍ ବୋଲ୍ଡ କରିଥିଲେ। ଫଳରେ ଦଳର ଭଲ ଷ୍ଟାର୍ଟ ସତ୍ତ୍ୱେ ମାତ୍ର ୧୫୯ ରନରେ ଅଟକି ଥିଲା। ସେପଟେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୪ଟି ୱିକେଟ୍ ନେଇଛନ୍ତି।

# ସଙ୍କଟରେ ଭାରତ-ପାକିସ୍ତାନ କ୍ରିକେଟ




ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପୂରା ଦେଶ ସ୍ତବ୍ଧ ଏହି କାପୁରୁଷପଣ ଆକ୍ରମଣ ପାଇଁ ପାକିସ୍ତାନ ସ୍ଥିତ ଲସ୍କର ଏ ତୋଇବାର ଆତଙ୍କୀ ଗୋଷ୍ଠୀ ଦ ରେଜିଷ୍ଟାନ୍ସ ଫୋର୍ସ(ଟିଆରଏଫ) ନିଜକୁ ଦାୟୀ କରିଛି କ୍ରିକେଟ୍ ଜଗତ ମଧ୍ୟ ଏହି ଘଟଣାକୁ ନେଇ କ୍ଷୁବ୍ଧ ସବୁ ମହଲରେ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ଏହା ମଧ୍ୟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟ ପାକିସ୍ତାନକୁ ନେଇ ନିଜର କଡ଼ା ଆଭିମୁଖ୍ୟ ଦେଖାଇଛି।

ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ଏହି ଆତଙ୍କବାଦୀ ଘଟଣା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସେ କହିଛନ୍ତି, ଆମେ ପୀଡ଼ିତାଙ୍କ ସହ ଅଛୁ ଏବଂ ଏହି ଘଟଣାର ତୀବ୍ର ନିନ୍ଦା କରୁଛୁ। କଣ ପାକିସ୍ତାନ ସହ କ୍ରିକେଟ୍ ଖେଳିବା ବନ୍ଦ କରି ଦେବା ଉଚିତ? ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଆମ ସରକାର ଯାହା କହିବେ, ତାହା ଆମେ ପାଳନ କରିବୁ। ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳୁନାହୁଁ। ଆମେ ଆଗକୁ ମଧ୍ୟ ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବୁ ନାହିଁ। ଆଇସିସି ଭାଗିଦାରୀ କାରଣରୁ ଆମେ ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳୁଛୁ।

ଭାରତ ଓ ପାକିସ୍ତାନ ଶେଷ ଥର ଦ୍ୱିପାକ୍ଷିକ ସିରିଜ୍ ୨୦୧୨-୧୩ରେ ଖେଳିଥିଲେ। ସେହି ସମୟରେ ପାକିସ୍ତାନ ଭାରତ ଗସ୍ତରେ ଆସିଥିଲା ସେହି ସମୟରେ ୨ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳା ଯାଇଥିଲା। ଅନ୍ୟପଟେ ଭାରତ ପାକିସ୍ତାନ ମାଟିରେ ଶେଷ ଥର ୨୦୦୭ରେ ଟେଷ୍ଟ ସିରିଜ୍ ଖେଳିଥିଲା ।ଅନ୍ୟପଟେ ପାକିସ୍ତାନ ୨୦୨୩ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଆସିଥିଲା ଭାରତୀୟ ଦଳ ନିକଟରେ ଋମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରି ଦେଇଥିଲା। ଏହି କାରଣରୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ହାଇବ୍ରିଡ ମଡେଲରେ ଋମ୍ପିଅନ୍ସ ଟ୍ରଫିର ଆୟୋଜନ କରିଥିଲା ଦୁବାଇକୁ ନିରପେକ୍ଷ ସ୍ଥାନ ଭାବେ ଚୟନ କରାଯାଇଥିଲା ।

ସୂଚନାଯୋଗ୍ୟ, ପହଲଗାମରେ ଏପ୍ରିଲ ୨୨ରେ ଆତଙ୍କବାଦୀ ଆକ୍ରମଣରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି ଏହି ଘଟଣା ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ଟା ୩୦ରେ ଘଟିଛି। ଏହି ସମୟରେ ଆତଙ୍କବାଦୀ ଲୋକଙ୍କ ଧର୍ମ ପଚାରି ସେମାନଙ୍କ ଉପରେ ଉପରେ ଆକ୍ରମଣ କରିଛନ୍ତି ।

# ୧୦ ଆଥଲେଟ୍‌ଙ୍କୁ ସହାୟତାର ହାତ ବଢାଇଲେ ଶିବମ

ଚେନ୍ନାଇ, ୨୩।୪: ଭାରତ ତଥା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଲରାଉଣ୍ଡର ଶିବମ ଦୁବେ ତାମିଲନାଡୁର ୧୦ ଉଦୀୟମାନ ଆଥଲେଟ୍‌ଙ୍କୁ ୭୦ ହଜାର ଲେଖାଏ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ତାମିଲନାଡୁ ଜର୍ନାଲିଷ୍ଟଙ୍କ ଆସୋସିଏଶନ(ଟିଏନ୍‌ଏସ୍‌ଜେଏ)ର ପୁରସ୍କାର ଓ ସ୍କଲାରଶିପ୍ ବିତରଣ କାର୍ଯ୍ୟକ୍ରମରେ ଦୁବେ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ଦୁବେଙ୍କ ପୁରସ୍କାର ରାଶି ଛଡ଼ା



ଟିଏନ୍‌ଏସ୍‌ଜେଏ ପକ୍ଷରୁ ୩୦ ହଜାର ଟଙ୍କାର ସ୍କଲାରଶିପ ଦିଆଯାଇଛି।

ମୁଁ ଦଳୀୟ ହୋଟେଲରୁ ଏଠାକୁ ଆସୁଥିବା ବେଳେ ତାମିଲନାଡୁ କ୍ରିକେଟ ଆସୋସିଏଶନ ସମ୍ପାଦକ ଡ. ବାବା ମୋତେ କହିଥିଲେ ଯେ, ଏଠାରେ ଥିବା କିଛି ଉଦୀୟମାନ ଆଥଲେଟଙ୍କୁ ସାହାଯ୍ୟ କରିବା ପାଇଁ ଏହା ଏକ ଉଦ୍ୟମ। ଏହା ସତରେ ଯୁବ ଆଥଲେଟଙ୍କୁ ଉତ୍ସାହିତ କରିବ। ଏହି ଛୋଟିଆ। ସହାୟତା ରାଶି ଯୁବ ଆଥଲେଟଙ୍କୁ ଆହୁରି ପରିଶ୍ରମ କରି ଦେଶର ଗର୍ବ ହେବା ପାଇଁ ପ୍ରେରଣା ଯୋଗାଇବ ଏହି କାର୍ଯ୍ୟକ୍ରମରେ ସିଏସ୍‌କେର ସିଇଓ ବିଶ୍ୱନାଥନ ମଧ୍ୟ ଉପସ୍ଥିତ ଥିଲେ।

# ଆଇପିଏଲ୍‌ରେ ଇତିହାସ ରଚିଲେ ରାହୁଲ



ନୂଆଦିଲ୍ଲୀ, ୨୩।୪: କେଏଲ ରାହୁଲ ଆଇପିଏଲ ଇତିହାସରେ ଦ୍ରୁତତମ ୫,୦୦୦ ରନ ପୂରଣ କରିଥିବା ଖେଳାଳି ହୋଇଛନ୍ତି ସେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍‌ରେ ସେ ୫୭ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ଏହି କ୍ଷେତ୍ରରେ ସେ ଡେଭିଡ ଓ୍ୱାର୍ନରଙ୍କୁ ପଛରେ ପକାଇ ଦେଇଛନ୍ତି। ୱାର୍ନର ୧୩୫ ଇନିଂସରେ ୫ ହଜାର ରନ ପୂରଣ କରିଥିଲେ। ରାହୁଲ ୧୩୦ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ପୂର୍ବରୁ, କେଏଲ ରାହୁଲ ୧୨୯ ଇନିଂସରେ ୪,୯୪୯ ରନ କରିଥିଲେ ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ୫୧ ରନ କରି ସେ ରେ ୫ ହଜାର ରନ ଛୁଇଁଛନ୍ତି।ସେ ଏବେ ତାଙ୍କର ୧୩୯ ମ୍ୟାଚ ବିଶିଷ୍ଟ ଆଇପିଏଲ କ୍ୟାରିୟରରେ ୫,୦୦୬ ରନ କରିଛନ୍ତି।ଏଥିରେ ୪ଟି ଶତକ ଏବଂ ୪୦ଟି ଅର୍ଦ୍ଧଶତକ ସାମିଲ ଅଛି।

ଆଇପିଏଲରେ, କେଏଲ ରାହୁଲ ୧୩୦ ଇନିଂସରେ ଦ୍ରୁତ ୫ ହଜାର ରନ ପୂରଣ କରିଛନ୍ତି। ଏହି ତାଲିକାରେ ଡେଭିଡ ାର୍ନର ଦ୍ୱିତୀୟ ସ୍ଥାନରେ ଅଛନ୍ତି ବିରାଟ କୋହଲି। ୧୫୭ ଇନିଂସରେ ଏହି ସଫଳତା ହାସଲ କରି ତୃତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଏବି ଡିଭିଲିୟର୍ସ ଏବଂ ଶିଖର ଧାନଙ୍କ ନାମ ମଧ୍ୟ ସାମିଲ ଅଛି।

କେଏଲ ରାହୁଲ ୧୩୦ ଇନିଂସ
ଡେଭିଡ ୱାର୍ଣ୍ଣର ୧୩୫ ଇନିଂସ
ବିରାଟ କୋହଲି ୧୫୭ ଇନିଂସ
ଏବି ଡିଭିଲିୟର୍ସ ୧୬୧ ଇନିଂସ
ଶିଖର ଧାୱନ ୧୬୮ ଇନିଂସ

କେଏଲ ରାହୁଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପ୍ରଥମ ୨ଟି ମ୍ୟାଚ ଖେଳି ନ ଥିଲେ ୨ଟି ମ୍ୟାଚ ନ ଖେଳିବା ସତ୍ତ୍ୱେ, ସେ ଅରେଞ୍ଜ କ୍ୟାପ ଦୌଡ଼ରେ ରହିଛନ୍ତି। ରାହୁଲ ଏପର୍ଯ୍ୟନ୍ତ ୭ଟି ଇନିଂସରେ ୬୪.୬ ହାରରେ ୩୨୩ ରନ କରିଛନ୍ତି ଏବଂ ଅରେଞ୍ଜ କ୍ୟାପ ଦୌଡ଼ରେ ସପ୍ତମ ସ୍ଥାନରେ ଅଛନ୍ତି। ସେ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ରନ ସ୍କୋରର ମଧ୍ୟ।

# ମହିଳା ଚେସ୍ ଖେଳାଳିଙ୍କୁ ମିଳିବ ୧କୋଟି ଅନୁଦାନ



ହାଇଦ୍ରାବାଦ, ୨୩।୪: ଭାରତରେ ମହିଳା ଖେଳର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଥିବା ୬୪ ସ୍କୋୟାର୍ସ ନାମକ ଏକ ସଂଗଠନ ଇଣ୍ଟରନ୍ୟାଶନାଲ ମାଷ୍ଟର(ଆଇଏମ୍) ଭାନ୍ତିକା ଅଗ୍ରୱାଲଙ୍କ ବ୍ୟତୀତ ଅନ୍ୟ ୪ଜଣ ଉଦୀୟମାନ ଚେସ୍ ଖେଳାଳି ୧କୋଟି ଟଙ୍କାର ଫେଲୋଶିପ୍ ଅନୁଦାନ ପାଇବା ପାଇଁ ମନୋନୀତ କରିଛି।୬୪ ସ୍କୋୟାର୍ସ ହେଉଛି ହାଇଦ୍ରାବାଦସ୍ଥିତ ପ୍ରଭାହ ଫାଉଣ୍ଡେଶନ ଏବଂ ଚେସ୍ ଷ୍ଟାର୍ଟଅପ୍ ଏମ୍‌ଜିଡି-୧ର ଏକ ମିଳିତ ପ୍ରୟାସ ଉପକୃତ ହେବାକୁଥିବା ୫ ଖେଳାଳି ହେଲେ ଆଇଏମ୍ ଭାନ୍ତିକା, ଡବ୍ଲ୍ୟୁଏଫ୍‌ଏମ୍ ଶୁଭି ଗୁପ୍ତା, ଡବ୍ଲ୍ୟୁଏଫ୍‌ଏମ୍ ଋର୍ଭି ଅନିଲକୁମାର ଏବଂ ଉଦୀୟମାନ ପ୍ରତିଭା ଡବ୍ଲ୍ୟୁଆଇଏମ୍ ସାରାୟୁ ଭେଲପୁଲା ଓ ଡବ୍ଲୁଆଏଇଏମ୍ ସାହିଥି ଭାର୍ଷିନୀ।

ଫେଲୋଶିପ୍ ଅନୁଦାନ ଏହି ଖେଳାଳିମାନଙ୍କ ଏକ ବର୍ଷ ପାଇଁ ଟ୍ରେନିଂ, ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟୟ ପରାଯିବ ଏମାନଙ୍କ ମଧ୍ୟରୁ ପୂର୍ବରୁ ଅର୍ଜୁନ ପୁରସ୍କାର ବିଜେତା ଭାନ୍ତିକା ୨୦୨୩ରେ ସହାୟତା ପାଇଥିଲେ। ଏହାପରେ ସେ ଇଣ୍ଟରନ୍ୟାଶନାଲ ମାଷ୍ଟର ଟାଇଟଲ ହାସଲ କରିଥିଲେ ଦେଶ ପାଇଁ ସେ ଅନେକ ସମ୍ମାନ ଆଣି ଦେଇଛନ୍ତି। ୨୦୨୪ରେଚେସ୍ ଅଲିମ୍ପିଆଡ୍‌ରେ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ ।ଫେଲୋଶିପ୍ ଅନୁଦାନ ସହାୟତାରେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପରେ ଭାନ୍ତିକା ପୁଣି ସୁଯୋଗ ପାଇବା ପାଇଁ ପୁଣି ମନୋନୀତ ହୋଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ